بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

ବଦର

Weekly BADAR Qadian Odia

କାଦିଆନ

ଅଲ୍ଲାଃତାଲାଙ୍କ ବାଣୀ

ସନ୍ତାନମାନଙ୍କର ସଂସ୍କାର: ବିଶ୍ୱାସ, ନମାଜ୍ ପରକାଳର ସୁରକ୍ଷା ।

يَا أَيُّهَا الَّذِينَ آمَنُوا قُوا أَنْفُسَكُمْ وَأَهْلِيكُمْ نَارًا

ଅନୁବାଦ: " ହେ ବିଶ୍ୱାସକାରୀଗଣ ! ନିଜକୁ ଏବଂ ନିଜ ପରିବାରକୁ ନିଆଁରୁ (ନର୍କାଗ୍ନିରୁ) ରକ୍ଷା କର । **(ସୁରାଃ ଅତ୍ ତହରିମ୍: 07)**

وَأْمُرْ أَهْلَكَ بِالصَّلَاةِ وَاصْطَبِرْ عَلَيْهَا

ଅନୁବାଦ: ଏବଂ ନିଜ ପରିବାରବର୍ଗକୁ ନମାଜ୍ ପାଇଁ ଆଦେଶ ଦିଅ ଏବଂ ନିଜେ ମଧ୍ୟ ଏହା ଉପରେ ଦୃଢ଼ ରୁହ (ନିୟମିତ ନମାଜ ପାଠ କର) ।

(ସୁରାଃ ତା-ହା: 133)

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍ | ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍ **ଗ୍ରନ୍ଥଖଣ୍ଡ: 11 | ସଂଖ୍ୟା:45** 24 ଜମାଦିଉଲ୍ ଅୱଲ୍ 1448 ହି.କ, 05 ନବୁୱତ୍ 1405 ହି.ଶ, 05 Nov 2026



ଆଁହ୍ ସ.ଅଙ୍କ ବାଣୀ

ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଅର୍ଥାତ୍ ଅଧ୍ୟୟନ ଓ ଅଧ୍ୟାପନା ସଭା ।

عَنْ عَبْدِ اللّٰهِ بْنِ عُمَرَ رَضِيَ اللّٰهُ عَنْهُمَا قَالَ: قَالَ رَسُولُ اللّٰهِ ﷺ: أَلَا كُلُّكُمْ رَاعٍ وَكُلُّكُمْ مَسْئُولٌ عَنْ رَعِيَّتِهِ، وَالرَّجُلُ رَاعٍ عَلَى أَهْلِ بَيْتِهِ وَهُوَ مَسْئُولٌ عَنْهُمْ۔

ଅନୁବାଦ: "ସାବଧାନ ! ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ରକ୍ଷକ (ଅଭିଭାବକ) ଅଟନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କ ପ୍ରଜାଙ୍କ ପ୍ରଜାନୁରଞ୍ଜକତା (ପ୍ରଜାପାଳକ) ସଂପର୍କରେ ପ୍ରଶ୍ନ ପଚରାଯିବ । ପୁରୁଷ ନିଜ ପରିବାରର ରକ୍ଷକ ଅଟେ ଏବଂ ତାକୁ ନିଜ ପରିବାର ସଂପର୍କରେ ପ୍ରଶ୍ନ କରାଯିବ ।"

(ସହି ବୁଖାରୀ, କିତାବୁଲ୍ ମନାକିହ୍, ହଦିସ୍ ନଂ-5200, ସହି ମୁସ୍‌ଲିମ୍, କିତାବୁଲ୍ ଇମାରତି, ହଦିସ୍ ନଂ-1829)

عَنْ عَبْدِ اللّٰهِ بْنِ عَمْرٍو رَضِيَ اللّٰهُ عَنْهُمَا قَالَ: قَالَ رَسُولُ اللّٰهِ ﷺ: مُرُوا أَوْلَادَكُمْ بِالصَّلَاةِ وَهُمْ أَبْنَاءُ سَبْعِ سِنِينَ، وَاضْرِبُوهُمْ عَلَيْهَا وَهُمْ أَبْنَاءُ عَشْرٍ، وَفَرِّقُوا بَيْنَهُمْ فِي الْمَضَاجِعِ۔

ଅନୁବାଦ: ନିଜର ସନ୍ତାନମାନଙ୍କୁ 7 ବର୍ଷ ବୟସରେ ନମାଜ୍ ପାଠ କରିବା ପାଇଁ ଆଦେଶ ଦିଅ ଏବଂ 10 ବର୍ଷ ବୟସରେ ନମାଜ୍ ପାଠ କରିବା ପାଇଁ ଅତିରିକ୍ତ ତାଗିଦ୍ କର ଓ ସେମାନଙ୍କର ଶେଯକୁ (ନିଜ ଶେଯ ଠାରୁ) ପୃଥକ୍ (ଅଲଗା କରିଦିଅ) ।" **(ସୁନନ୍ ଅବି ଦାଉଦ୍, କିତାବୁସ୍ ସଲାତ୍, ହଦିସ୍ ନଂ-495)**



ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

ସନ୍ତାନ ସନ୍ତତିମାନଙ୍କ ପାଇଁ ଦୁଆ (ପ୍ରାର୍ଥନା) ।

ପୁଣ୍ୟଶ୍ଲୋକ ହ. ମସିହ ମଉଦ୍ ଅ.ସ ସନ୍ତାନମାନଙ୍କର ସଂସ୍କାର ସଂପର୍କରେ ଅଲ୍ଲାଃତାଲାଙ୍କ କୃପା ଏବଂ ଦୁଆ (ପ୍ରାର୍ଥନା)ର ମହତ୍ତ୍ୱ ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ହିଦାୟତ୍ (ସତ୍‌ମାର୍ଗ) ଏବଂ ସଂସ୍କାର ହେଉଛି ବାସ୍ତବରେ ଈଶ୍ୱରଙ୍କର କାର୍ଯ୍ୟ । କଠୋର ଭାବରେ ପିଛା କରିବା ଏବଂ ଗୋଟିଏ ବିଷୟ ଉପରେ ଅତ୍ୟଧିକ ଜିଦ୍ କରିବା ଅର୍ଥାତ୍ ପ୍ରତି କଥାରେ ପିଲାମାନଙ୍କୁ ବାଧା ଦେବା ଏବଂ ଟୋକିବା ଏହା ତାହା ହିଁ ପ୍ରକାଶ କରେ ଯେ, ଯେପରି ଆମେମାନେ ହିଁ ମାର୍ଗଦର୍ଶନର ମାଲିକ ଅଟୁ ଏବଂ ଆମେ ସେମାନଙ୍କୁ ଆମର ଇଚ୍ଛାନୁଯାୟୀ ବାଟକୁ ନେଇ ଆସିବୁ । ଏହା ହେଉଛି ଏକ ପ୍ରକାରର ଗୁପ୍ତ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) । ଏଥିରୁ ଆମ ଜମାଅତ୍‌କୁ ନିଶ୍ଚିତ ଭାବରେ ଦୂରେଇ ରହିବା ଉଚିତ୍ । ମୁଁ ତ' ନିଜ ପିଲାମାନଙ୍କ ପାଇଁ ଦୁଆ କରିଥାଏ ଏବଂ ସାଧାରଣ ଭାବରେ ଶିକ୍ଷା ତଥା ସଂସ୍କାରର ନିୟମ ଓ ଆଚାର ବ୍ୟବହାରକୁ ପାଳନ କରାଇଥାଏ । ବାସ୍ ଏହାଠାରୁ ଅଧିକ ଆଉ କିଛି ନୁହେଁ । ପୁନଶ୍ଚ ମୋର ସମ୍ପୂର୍ଣ୍ଣ ଭରସା ଅଲ୍ଲାତାଲାଙ୍କ ଉପରେ ରହିଥାଏ । ଯେପରିକି ଯଦି କୌଣସି ବ୍ୟକ୍ତି ମଧ୍ୟରେ ସୌଭାଗ୍ୟର ବୀଜ ଥିବ ତେବେ ତାହା ସମୟ ଆସିଲେ ଅଙ୍କୁରିତ ହୋଇ ସବୁଜ (ଶସ୍ୟ। ଶ୍ୟାମଳ) ହୋଇ ଉଠିବ ।"**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-309, ସଂସ୍କରଣ-2003 ମସିହା, ପ୍ରକାଶନ ସ୍ଥାନ-ରବୱା)**



ତଫସିର୍ କବିର୍‌ରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସ୍‌ଲେହ୍ ମଉଦ୍ ର.ଅ)

ଉଚ୍ଚକୋଟୀ ବଂଶର ନିର୍ମାଣ: ସନ୍ତାନସନ୍ତତିଙ୍କ ସଂସ୍କାର ଏବଂ ଧର୍ମପରାୟଣତାମୂଳକ ଦାୟିତ୍ୱ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: " ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ମାତାପିତାମାନେ ନିଜର ସନ୍ତାନସନ୍ତତିଙ୍କର ଉତ୍ତମ ସଂସ୍କାର କରନ୍ତି ଏବଂ ଚେଷ୍ଟା କରନ୍ତି ଯେ, ସେମାନଙ୍କର ସତ୍‌କର୍ମ କେବଳ ସେମାନଙ୍କ ନିଜ ବ୍ୟକ୍ତିଗତ ମଧ୍ୟରେ ସୀମିତ ନ ରହି ବରଂ ଏହାର ପ୍ରଭାବ ପିଢ଼ି ପରେ ପିଢ଼ି ସେମାନଙ୍କ ସନ୍ତାନମାନଙ୍କଠାରେ ମଧ୍ୟ ସ୍ଥାନାନ୍ତରିତ ହୋଇଯାଉ ତେବେ । ସେମାନେ ଏପରି ଉଚ୍ଚକୋଟୀର ପିଢ଼ି ସୃଷ୍ଟି କରିପାରିବେ ଯାହାକି ଇସ୍‌ଲାମ୍ ଏବଂ ମହାବତାର ହ. ମହମ୍ମଦ ସ.ଅଙ୍କ ପାଇଁ ଗର୍ବର ବିଷୟ ହୋଇପାରିବ । କିନ୍ତୁ ଦୁଃଖର କଥା ଏହିକି ଯେ, ଖୁବ୍ କମ ଲୋକ ଏପରି ଅଛନ୍ତି ଯେଉଁମାନେ ନିଜର ସନ୍ତାନମାନଙ୍କର ସଠିକ୍ ସଂସ୍କାର ପ୍ରତି ଧ୍ୟାନ ଦେଇଥାଅନ୍ତି । ସେମାନଙ୍କ ଠାରେ ବ୍ୟକ୍ତିଗତ ଭାବରେ ତକୱା (ଧର୍ମପରାୟଣତା) ମଧ୍ୟ ଥାଏ, ଆଧ୍ୟାତ୍ମିକତା ମଧ୍ୟ ଥାଏ, ଉଚ୍ଚ ଗୁଣାବଳୀ ମଧ୍ୟ ଥାଏ, ଦୟା ଓ କରୁଣାର ଭାବନା ମଧ୍ୟ ଥାଏ, ସହନଶୀଳତା ମଧ୍ୟ ବିଦ୍ୟମାନ ଥାଏ, ଜ୍ଞାନ ଅର୍ଜ୍ଜନ କରିବାର ପିପାସା ମଧ୍ୟ ଥାଏ, ପୁଣ୍ୟ କର୍ମରେ ଆଗକୁ ବଢ଼ିବାର ପ୍ରବୃତ୍ତି ମଧ୍ୟ ଥାଏ । କିନ୍ତୁ ଏହି କଥା ପ୍ରତି ସେମାନଙ୍କର କେବେ ବି ଧ୍ୟାନ ଆସେ ନାହିଁ ଯେ, ନିଜର ସନ୍ତାନମାନଙ୍କ ଠାରେ ମଧ୍ୟ ଏହି ଗୁଣଗୁଡ଼ିକ ସୃଷ୍ଟି କରିବା ପାଇଁ ସେମାନେ ଉଦ୍ୟମ କରନ୍ତୁ । ନିଶ୍ଚିତ ଭାବରେ ଉତ୍ତରାଧିକାର (ବଂଶଗତ) ମାଧ୍ୟମରେ ମାତାପିତାଙ୍କର କେତେକ ବୈଶିଷ୍ଟ୍ୟ ସନ୍ତାନମାନଙ୍କ ଠାରେ ମଧ୍ୟ ସ୍ଥାନାନ୍ତରିତ ହୋଇଯାଇଥାଏ । କିନ୍ତୁ ଉଚ୍ଚକୋଟୀର ବଂଶର ନିର୍ମାଣ ସହିତ ଉତ୍ତମ ପ୍ରଶିକ୍ଷଣ (ସଂସ୍କାର)ର ଏକ ବଡ଼ ସମ୍ପର୍କ ରହିଥାଏ ଏବଂ ଜଣେ ବିଶ୍ୱାସକାରୀର ଏହି କର୍ତ୍ତବ୍ୟ ହୋଇଥାଏ ଯେ, ସେ ଏହି ଦିଗ ପ୍ରତି କେବେବି ଅବହେଳା ପ୍ରଦର୍ଶନ ନକରୁ। ଯଦି ପ୍ରତ୍ୟେକ ବ୍ୟକ୍ତି ସେ ଛୋଟ ହେଉ କି ବଡ଼ ହେଉ ନିଜର ସନ୍ତାନମାନଙ୍କର ଉତ୍ତମ ସଂସ୍କାର ପ୍ରତି ବ୍ୟସ୍ତ ହୋଇପଡ଼ନ୍ତି ଏବଂ ଚେଷ୍ଟା କରନ୍ତି ଯେ, ସେମାନଙ୍କର ସନ୍ତାନମାନେ ସେମାନଙ୍କ ଅପେକ୍ଷା ଅଧିକ ଇସ୍‌ଲାମ୍ ଧର୍ମ ପାଇଁ ଉତ୍ସର୍ଗୀକୃତ ପ୍ରମାଣିତ ହୁଅନ୍ତୁ । ତେବେ ସେପରିପ୍ରେକ୍ଷୀରେ ମୁସଲମାନମାନଙ୍କ ମଧ୍ୟରେ କେବେ ବି ଅବନତି ଦେଖାଦେବ ନାହିଁ । ଜାତୀୟ ଅଧଃପତନର ବଡ଼ କାରଣ ଏହା ହିଁ ହୋଇଥାଏ ଯେ, ସନ୍ତାନମାନଙ୍କ ସଂସ୍କାର ପ୍ରତି ଧ୍ୟାନ ଦିଆଯାଏ ନାହିଁ । ଫଳସ୍ୱରୂପ କେବଳ ଅସଂଖ୍ୟ ସନ୍ତାନମାନେ ବେକାର ହୋଇ ରହିଯାଇ ଥାଆନ୍ତି ଏବଂ ଜାତିର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯାଏ ।

ସୁତରାଂ ପ୍ରକୃତ ପ୍ରସଙ୍ଗ ଯାହା ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ତାହା ହେଉଛି ଆମମାନଙ୍କର ଆଗାମୀ ବଂଶଧରଙ୍କ ପୁଣ୍ୟ ଏବଂ ଧର୍ମପରାୟଣତାର କ୍ଷେତ୍ରରେ ଆମଠାରୁ ବି ଅଧିକ ଦ୍ରୁତଗାମୀ ହେବା ଉଚିତ୍ । କାରଣ ଏହା ହେଉଛି ସେହି ପ୍ରସଙ୍ଗ ଯାହା ଉପରେ ହ. ମୁହମ୍ମଦ ସ.ଅ ଗର୍ବ କରିପାରିବେ । କେବଳ ସଂଖ୍ୟାଗରିଷ୍ଠତା ଏପରି କୌଣସି ଜିନିଷ ନୁହେଁ ଯାହା କୌଣସି ବ୍ୟକ୍ତିକୁ ସନ୍ତୁଷ୍ଟ କରିବା ପାଇଁ ଯଥେଷ୍ଟ ହେବ ।"**(ଫଜ୍ଜାଏଲୁଲ୍ କୁରଆନ୍, ପୃ-264-265)**

☆☆☆

ଅହମଦିୟା ଖବର

ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

ସମ୍ପାଦକୀୟ

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ 2026 ମସିହା ଜର୍ମାନୀର ଜଲସା ସାଲାନା ଅବସରରେ لَا إِلٰهَ إِلَّا اللّٰهُ مُحَمَّدٌ رَّسُوْلُ اللّٰهِ ମହିଳାମାନଙ୍କୁ ଦିଆଯାଇଥିବା ଉଦ୍‌ବୋଧନର ସାରାଂଶ

ତଶହୁଦ, ତଉଜ ଏବଂ ସୁରାଃ ଫାତିହାର ତିଲାଓତ୍ (ଆବୃତ୍ତି) ପରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ଆପଣମାନେ ଆଜି ଜଲ୍‌ସା ସାଲାନାରେ ଯୋଗଦେବା ପାଇଁ ଏଠାରେ ଏକତ୍ରିତ ହୋଇଛନ୍ତି । ଅଲ୍ଲାଃତାଲାଙ୍କର ଜମାଅତ୍ ଉପରେ ଏହି ମହୋପକାର ରହିଛି ଯେ, ସେ ଜମାଅତର ମହିଳାମାନଙ୍କ ମଧ୍ୟରେ ସେହି ଭାବନା ସୃଷ୍ଟି କରିଛନ୍ତି ଯାହା ସେମାନଙ୍କୁ ଏହି ଦିଗ ଆଡ଼କୁ ଧ୍ୟାନ ଦେବା ଆଡ଼କୁ ପ୍ରେରଣା ଯୋଗାଇଥାଏ। ଅର୍ଥାତ୍ ଆମମାନଙ୍କୁ ଧର୍ମର ଜ୍ଞାନ ଅର୍ଜନ କରିବା ଦିଗରେ ଧ୍ୟାନ ଦେବାକୁ ହେବ। କାରଣ ଆମେମାନେ ଏବଂ ଆମମାନଙ୍କର ଆଗାମୀ ବଂଶଧରମାନେ ମଧ୍ୟ ଅଲ୍ଲାଃତାଲାଃତାଲାଙ୍କର କୃପା ଲାଭକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବେ। ବର୍ତ୍ତମାନ ଯେତେବେଳେ ସଂସାର ଅନ୍ୟମନସ୍କତା ଏବଂ ଭୋଗବିଳାସରେ ଅତ୍ୟଧିକ ବୁଡ଼ି ରହିଛି ଏବଂ ଭଗବାନଙ୍କୁ ଭୁଲିଯାଉଛି । ସେପରିପ୍ରେକ୍ଷୀରେ ଆମେମାନେ ଧର୍ମକୁ ସାଂସାରିକତା ଠାରୁ ଅଗ୍ରାଧିକାର ଦେବାର ପ୍ରତିଜ୍ଞା ଉପରେ ପରିଚାଳିତ ହେବା । ସାଂପ୍ରତିକ ଯୁଗରେ ଉକ୍ତ ସତ୍ୟତାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ, ପ୍ରତ୍ୟେକ ପାର୍ଶ୍ୱରୁ ଦଜ୍ଜାଲ୍‌ର ଆକ୍ରମଣ ଅହମଦିମାନଙ୍କୁ ମଧ୍ୟ କିଛି ନା କିଛି ମାତ୍ରାରେ ପ୍ରଭାବିତ କରିଦେଇଛି । କେତେକ ଅହମଦି ମହିଳାମାନେ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହାନ୍ତି । ବିଶେଷକରି ସେହି ଦେଶମାନଙ୍କରେ ଶିକ୍ଷା ଏବଂ ପ୍ରଗତି ନାମରେ (ମହିଳାମାନଙ୍କୁ) ସଇତାନ୍ ପ୍ରଭାବିତ କରିଥାଏ । ଇସ୍‌ଲାମ୍ ଧର୍ମ ଉଚ୍ଚ ଶିକ୍ଷା ପ୍ରାପ୍ତ କରିବାରୁ ବାରଣ କରେ ନାହିଁ । କିନ୍ତୁ ଏଥି ନିମନ୍ତେ ଅନୁପ୍ରାଣିତ ମଧ୍ୟ କରିଥାଏ । ଇସ୍‌ଲାମ୍ ଧର୍ମ ପ୍ରଗତି କରିବା ଏବଂ ଦୁନିଆର ନେମତ୍ (ଆଶୀର୍ବାଦ) ଗୁଡ଼ିକରୁ ଲାଭ ଉଠାଇବାରୁ ବାରଣ କରେ ନାହିଁ ବରଂ ଏଥି ପ୍ରତି ଧ୍ୟାନ ଆକର୍ଷଣ କରିଥାଏ । କିନ୍ତୁ ତତ୍‌ସହିତ ଏହା କହେ ଯେ, ତୁମେମାନେ ନିଜ ନିଜର କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କର ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଯେ, ଇତିହାସରେ ଆମେ ଦେଖୁଛୁ ଯେ, ହ. ଆୟେଶା ର.ଅ ଏବଂ ଅନ୍ୟାନ୍ୟ ମହିଳାମାନଙ୍କର ଉଲ୍ଲେଖ ମିଳେ ଯେ, ଯେଉଁମାନେ ନିଜର ଧାର୍ମିକ ଏବଂ ଆଧ୍ୟାତ୍ମିକ ଅବସ୍ଥା ଏବଂ ମହାନତାରେ ଉନ୍ନତ ଥିଲେ । ତତ୍‌ସହିତ ଜ୍ଞାନ ସହିତ ମଧ୍ୟ ଆପଣ ର.ଅ ପରିଚିତ ଥିଲେ । ବରଂ ସେହି ମହିଳାମାନଙ୍କର ପରମ୍ପରାଗୁଡ଼ିକ ଅଧିକାଂଶ ଫକୀହ୍ (ଇସଲାମୀୟ ନ୍ୟାୟବିତ୍)ମାନଙ୍କୁ ସମସ୍ୟାର ସମଧାନ କରିବାରେ ସାହାଯ୍ୟ କରିଥାଏ । କିନ୍ତୁ ତତସହିତ ସେମାନେ ଏହା ଜାଣିଥିଲେ ଯେ, ନାରୀର ଦାୟିତ୍ୱ କ'ଣ । ଘର ଏବଂ ସମାଜରେ ନିଜର ଦାୟିତ୍ୱଗୁଡ଼ିକ ପାଳନ କରିବାରେ କ'ଣ ଭୂମିକା ଗ୍ରହଣ କରିବାକୁ ହେବ ? ସେମାନେ ନିଜର ଅଧିକାର ମାଗିବା ବଦଳରେ ଅଧିକାର ଦେବା ଏବଂ କର୍ତ୍ତବ୍ୟ ପାଳନ କରିବାର କଥା କହୁଥିଲେ । ଏହି କାରଣରୁ ସେମାନଙ୍କର ନାମ ଇସ୍‌ଲାମ୍ ଧର୍ମର ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

ଆଜି ଅହମଦି ମହିଳାମାନଙ୍କୁ ଏହାକୁ ଧ୍ୟାନରେ ରଖିବାକୁ ହେବ ଯେ, ସେମାନେ ଏହି କର୍ତ୍ତବ୍ୟଗୁଡ଼ିକୁ କିପରି ନିର୍ବାହ କରିବେ ? ଘର, ସମାଜ, ପିଲା ଏବଂ ପରିବାରର ଉନ୍ନତି ପାଇଁ ନିଜର ଉଦାହରଣ ପ୍ରଦର୍ଶନ କରିବାକୁ ହେବ । ସୁତରାଂ ଏହା ଉପରେ ବିଚାର କରିବାକୁ ହେବ ଯେ, ଯଦି ସେମାନଙ୍କର ବିଚାରରେ କିମ୍ବା ବାସ୍ତବରେ ପୁରୁଷମାନେ ସଠିକ୍ ଭାବରେ ନିଜର ଦାୟିତ୍ୱ ନିର୍ବାହ କରୁ ନାହାନ୍ତି, ତେବେ ସେପରିପ୍ରେକ୍ଷୀରେ ସେମାନଙ୍କୁ ଆଗାମୀ ପିଢ଼ିରେ ଉଚ୍ଚକୋଟୀର ଚରିତ୍ର ଏବଂ ଧର୍ମପରାୟଣ ପୁରୁଷ ଏବଂ ମହିଳା ସୃଷ୍ଟି କରିବାକୁ ହେବ ଯେପରି ହ. ମସିହ୍ ମଉଦ୍ ଅ.ସଙ୍କ ଠାରୁ ଯେଉଁ ବୈଅତ୍ (ଦୀକ୍ଷା)ର ଚୁକ୍ତି କରାଯାଇଛି ତାହା ଉପରେ କାର୍ଯ୍ୟାନୁସରଣ କରି ଆମେମାନେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଢି କରିପାରିବା । ଅତଏବ୍ ହ. ମସିହ୍ ମଉଦ୍ ଅ.ସ କ'ଣ ଚାହାଁନ୍ତି ତାହା ଦେଖିବାକୁ ହେବ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଏହି ସମାଜରେ ରହି ପ୍ରଗତି ନାମରେ ଅନେକ କିଛି କୁକଥା ହାଯାଉଛି । କିନ୍ତୁ ଜଣେ ଅହମଦି ମୁସଲମାନ ହେବା ପାଇଁ ଆମମାନଙ୍କୁ ନିଜର ଭୂମିକା ନିର୍ବାହ କରିବାକୁ ହେବ । ଆମମାନଙ୍କୁ ଦେଖିବାକୁ ହେବ ଯେ, ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କ ଠାରୁ କ'ଣ ତଥା କେଉଁ ଚାହାଁନ୍ତି (ଆଶା ରଖିଛନ୍ତି)? ଆପଣ ଅ.ସ ନାନା ଅବସରରେ ଯେଉଁ ଉପଦେଶ ଦେଇଛନ୍ତି ସେଗୁଡ଼ିକୁ ସର୍ବଦା ମନେ ରଖିବା ଉଚିତ୍। ଏହା କେବଳ ସେତେବେଳେ ସମ୍ଭବପର ହୋଇପାରିବ ଯେତେବେଳେ ଆମେମାନେ ସେଗୁଡ଼ିକୁ ନିଜ ସମ୍ମୁଖରେ ରଖି ବାରମ୍ବାର ପୁନରାବୃତ୍ତି କରୁଥିବୁ । ନଚେତ୍ ଅହମଦି ହେବାର ଉଦ୍ଦେଶ୍ୟ ପୂର୍ଣ୍ଣ (ଚରିତାର୍ଥ) ହୋଇପାରିବ ନାହିଁ ।

ହ. ମସିହ୍ ମଉଦ୍ ଅ.ସ ଧ୍ୟାନ ଦେବାକୁ କହିଲେ ଯେ, ଉକ୍ତ କଥାକୁ ମନେ ରଖନ୍ତୁ ଯେ, ଯେଉଁ ଲୋକମାନେ ମୋ' ସହିତ ସମ୍ପର୍କ ରଖନ୍ତି ଏବଂ ସେମାନଙ୍କର କର୍ମ ଯଦି ସଠିକ୍ ନୁହେଁ ତେବେ ଅଲ୍ଲାଃତାଲା ସେମାନଙ୍କୁ କେବେ ବି ପସନ୍ଦ କରନ୍ତି ନାହିଁ । ନିଜର ଅବସ୍ଥା ପରିବର୍ତ୍ତନ କରିବା ପାଇଁ ମନେ ରଖନ୍ତୁ ଯେ, ଯେଉଁଠାରେ ଅଲ୍ଲାଃଙ୍କୁ ମନେ ରଖିବାକୁ ହେବ ଏବଂ ତାହାଙ୍କର ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ସେଠାରେ ମନେ ରଖନ୍ତୁ । ଅନ୍ୟମାନଙ୍କର ଅଧିକାର ସମ୍ପାଦନ କରିବା ପାଇଁ ପ୍ରତ୍ୟେକ ଭଲ କାମ କରୁଥିବା ବ୍ୟକ୍ତି ସହିତ ଭଲ ବ୍ୟବହାର ମଧ୍ୟ ହେବା ଉଚିତ୍ । ଉଚ୍ଚକୋଟୀର ଚରିତ୍ର ଏହାର ନାମ ନୁହେଁ ଯେ ଭଲ କାମ କରୁଥିବା ବ୍ୟକ୍ତି ସହିତ ଭଲ ବ୍ୟବହାର ପ୍ରଦର୍ଶନ କର । ବରଂ ଅଶାଳୀନ (ଅସତ୍‌କର୍ମ) କାମ କରୁଥିବା ବ୍ୟକ୍ତି ସହିତ ମଧ୍ୟ ଭଲ ବ୍ୟବହାର ପ୍ରଦର୍ଶନ କର । ଯେପର୍ଯ୍ୟନ୍ତ ଏହି ମାନଦଣ୍ଡ (ସ୍ତର) ସୃଷ୍ଟି ହୋଇ ନାହିଁ ସେପର୍ଯ୍ୟନ୍ତ ପ୍ରକୃତ ଆତ୍ମା ସୃଷ୍ଟି ହୋଇପାରିବ ନାହିଁ । ଯେଉଁ ଉଦ୍ଦେଶ୍ୟ ସକାଶେ ଏହି ଜମାଅତ୍ ପ୍ରତିଷ୍ଠା କରାଯାଇଛି ସେହି ଉଦ୍ଦେଶ୍ୟ ଯଦି ପୂରଣ ହେଉ ନାହିଁ ତେବେ ପ୍ରକୃତ କଦାପି ଆତ୍ମା ସୃଷ୍ଟି ହୋଇପାରିବ ନାହିଁ । ତେଣୁ ଆପଣମାନେ ଏକଥା ସର୍ବଦା ମନେ ରଖନ୍ତୁ ଯେ, ଯେଉଁଠାରେ ଅଲ୍ଲାଃତାଲାଃଙ୍କର ଉପାସନା କରିବାକୁ ହେବ ସେଠାରେ ଭକ୍ତମାନଙ୍କର ଅଧିକାର ମଧ୍ୟ ପାଳନ କରିବାକୁ ହେବ । ସମାଜରେ ଶାନ୍ତି ସୃଷ୍ଟି କରିବା ପାଇଁ ଏବଂ କଳହ (କଳି), ଝଗଡ଼ା ଓ ବିବାଦକୁ ସମାପ୍ତ କରିବା ପାଇଁ ଭରପୂର ଚେଷ୍ଟା କରିବାକୁ ହେବ । ଛୋଟ ଛୋଟ କଥାରେ ଶାଶୂ-ବୋହୂ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଯାଏ । ଯେତେବେଳେ ପର୍ଯ୍ୟନ୍ତ ଆମେମାନେ ନିଜ ମଧ୍ୟରେ ଏହି ଭାବନା ସୃଷ୍ଟି କରିବୁ ନାହିଁ ଯେ ପରସ୍ପରକୁ କ୍ଷମା କରିବାକୁ ହେବ ସେତେବେଳେ ପର୍ଯ୍ୟନ୍ତ ଏକ ସୁସ୍ଥ ଓ ପବିତ୍ର ସମାଜ ଗଠନ ହୋଇପାରିବ ନାହିଁ ।

ପ୍ରତ୍ୟେକ ଅହମଦି ପୁରୁଷ ଏବଂ ମହିଳାମାନଙ୍କୁ ଏକଥା ମନେ ରଖିବା ଉଚିତ୍ ଯେ, ଶାନ୍ତି ଏଭଂ ସନ୍ଧିର ଭିତ୍ତିଭୂମି ସ୍ଥାପନ କରିବାକୁ ହେବ । ଏହି ଭିତ୍ତିଭୂମି ନିଜ ଘରୁ ହିଁ ଆରମ୍ଭ ହୋଇଥାଏ ଏବଂ ତହିଁରୁ ହିଁ ଆଗାମୀ ପିଢ଼ିକୁ ଉଚିତ୍ ଶିକ୍ଷା ମିଳିବ ଏବଂ ସେମାନେ ନିଜ ପରିବେଶରେ ମଧ୍ୟ ପ୍ରେମ ଓ ଶାନ୍ତି ସ୍ଥାପନକାରୀ ହେବେ । ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କହିଲେ ଯେ, "ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ପରସ୍ପର ମଧ୍ୟରେ ଏକତା ଏବଂ ପ୍ରେମ ସହିତ ରହିବା ଉଚିତ୍ । ମୁଁ କେବଳ ଦୁଇଟି ସମସ୍ୟା ନେଇ ଆସିଛି । 1- ଅଲ୍ଲାଃଙ୍କୁ ମାନ, 2-ପରସ୍ପର ମଧ୍ୟରେ ପ୍ରେମ ଏବଂ ସହାନୁଭୂତି ପ୍ରଦର୍ଶନ କର । ସାହାବାମାନଙ୍କ ମଧ୍ୟରେ ମଧ୍ୟ ଏହିପରି ବିପ୍ଳବ ସୃଷ୍ଟି ହୋଇଥିଲା । ଯେପର୍ଯ୍ୟନ୍ତ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏପରି ନହୋଇ ଯାଇଛନ୍ତି (ଯେଉଁ କଥା ସେ ନିଜ ପାଇଁ ପସନ୍ଦ କରେ ତାହା ନିଜ ଭାଇ ପାଇଁ ମଧ୍ୟ ପସନ୍ଦ କରୁ) ସେପର୍ଯ୍ୟନ୍ତ ସେ ମୋର ଜମାଅତ୍ ମଧ୍ୟରେ ଗଣ୍ୟ ନୁହେଁ । ଏହା ଏକ ବଡ଼ ଭୟଭୀତ କରୁଥିବା, ସତର୍କ କରୁଥିବା ବାକ୍ୟ ଅଟେ । ଅର୍ଥାତ୍ ପ୍ରତ୍ୟେକ ପୁରୁଷ ଏବଂ ମହିଳାମାନଙ୍କୁ ବିଚାର କରିବା ଉଚିତ୍ ଯେ, ଆପଣ ଅ.ସଙ୍କର ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବା ପାଇଁ ଏବଂ ବୈଅତର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଏହା ଆବଶ୍ୟକ ଯେ, ପରସ୍ପର ମଧ୍ୟରେ ପ୍ରେମଭାବ ସୃଷ୍ଟି କରିବା ଉଚିତ୍ । ଆପଣ ଅ.ସ କହିଲେ, ମେହଦୀ ଅ.ସଙ୍କର ଗୋଟିଏ ନିଦର୍ଶନ ଏହା ମଧ୍ୟ ରହିଛି ଯେ, ପ୍ରତିଶୃତ ମସିହ୍ ଓ ମେହ୍‌ଦୀ ଅ.ସଙ୍କୁ ସ୍ୱୀକାର କରିବା ଦ୍ୱାରା ହୃଦୟରୁ ଘୃଣା ଏବଂ ଶତ୍ରୁତାଭାବ ଦୂର ହୋଇଯିବ। ବର୍ତ୍ତମାନ ଆମେମାନେ ମସିହ୍ ଏବଂ ମେହ୍‌ଦୀଙ୍କୁ ମାନିଛୁ ତେବେ ଚିନ୍ତା କରିବାକୁ ହେବ ଯେ, ଯଦି ଆମେମାନେ ପରସ୍ପର ପାଇଁ ଘୃଣା ଏବଂ ଶତ୍ରୁତାକୁ ହୃଦୟରୁ ବାହାର କରିଦେବା ତେବେ ବୈଅତ୍‌ର କର୍ତ୍ତବ୍ୟ ନିର୍ବାହକାରୀ ବ୍ୟକ୍ତି ରୂପେ ଆମେ ପରିଗଣିତ ହେବା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ପୁନଶ୍ଚ ଆପଣ ଅ.ସ କହିଲେ, ସଂସାରକୁ ମୁଖ୍ୟାଭିପ୍ରାୟ କରନ୍ତୁ ନାହିଁ ବରଂ ଧର୍ମକୁ ମୁଖ୍ୟାଭିପ୍ରାୟ କରନ୍ତୁ । ଆପଣମାନେ ଏହି ଦେଶମାନଙ୍କରେ ଆସିଛନ୍ତି ଏବଂ ଅଲ୍ଲାଃତାଲା ଆପଣମାନଙ୍କୁ ସମୃଦ୍ଧି ପ୍ରଦାନ କରିଛନ୍ତି। ଏହା ପାକିସ୍ତାନରେ ଥିବା ଅବସ୍ଥାଠାରୁ ବହୁତ ଭଲ ଅଟେ କିମ୍ବା ଯେଉଁଠାରୁ ମଧ୍ୟ ପ୍ରବାସ କରି ଆସିଛନ୍ତି ତାହା ତୁଳନାରେ ଉତ୍ତମ ଅବସ୍ଥା ଅଟେ । କିନ୍ତୁ ଯଦି ଧର୍ମ ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ବରଂ ସଂସାର ମୁଖ୍ୟ ଉଦ୍ଦେଶ୍ୟ ଅଟେ ତେବେ ଏଠାକୁ ଆସିବାର କୌଣସି ଲାଭ ନାହିଁ । କାରଣ ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଏହି କଥା ଯୋଗୁଁ ଆସିଛନ୍ତି ଯେ, ଅନ୍ୟ ଦେଶମାନଙ୍କରେ ବିଶେଷକରି ପାକିସ୍ତାନରେ ଆପଣଙ୍କୁ ଧର୍ମ ଉପରେ ସଠିକ୍ ଭାବରେ କାର୍ଯ୍ୟାନୁସରଣ କରିବାର ଅନୁମତି ନଥିଲା । ସୁତରାଂ ପ୍ରତ୍ୟେକ ପ୍ରସଙ୍ଗରେ ଧର୍ମକୁ ସଂସାରିକତା ଉପରେ ଅଗ୍ରାଧିକାର ଦିଅନ୍ତୁ । ଏହା ନୁହେଁ ଯେ, ଧନ ସମ୍ପତ୍ତି ଆସିଗଲା ତା'ପରେ ଧର୍ମକୁ ଭୁଲିଯିବେ । ନା । ଧର୍ମ ସାମ୍ମୁଖରେ ରହୁ ଏହା ହିଁ ଜଣେ ଅହମଦିର ପ୍ରକୃତ ପରିଚୟ ଅଟେ ।

ଆପଣ ଅ.ସ ପୁନଶ୍ଚ କହିଲେ, "ଧନ ସମ୍ପତ୍ତି ଏବଂ ସନ୍ତାନସନ୍ତତିଙ୍କ ପ୍ରେମରେ ଏତେ ମଗ୍ନ ହୋଇଯାଆନ୍ତୁ ନାହିଁ ଯେ, ଆପଣମାନଙ୍କ ଏବଂ ଈଶ୍ୱରଙ୍କ ମଧ୍ୟରେ ପରଦା (ବ୍ୟବଧାନ) ସୃଷ୍ଟି ହୋଇଯିବ । ସନ୍ତାନ ମଧ୍ୟ ପରୀକ୍ଷା (ଫିତ୍‌ନା) ହୋଇଥାଏ ଏବଂ ମହିଳାମାନେ ମଧ୍ୟ ବେଳେବେଳେ ସନ୍ତାନ ପାଇଁ କଳହରେ ଲିପ୍ତ ହୋଇଯାଆନ୍ତି । ଶାଶୂ-ବୋହୂଙ୍କ ଝଗଡ଼ାରେ ମହିଳାମାନଙ୍କର ଏକ ଭୂମିକା ଥାଏ ।" ଆପଣ ଅ.ସ କହିଲେ, ଜଣେ ଅହମଦି ମୁସଲମାନ ହେବା ପାଇଁ ଆପଣମାନଙ୍କୁ ଏହି ଝଗଡ଼ାଗୁଡ଼ିକୁ ସମାପ୍ତ କରିବାକୁ ହେବ । ଯେତେବେଳେ ଆପଣମାନେ ଏପରି କରିବେ ସେତେବେଳେ ଏହାର କର୍ତ୍ତବ୍ୟ ନିର୍ବାହକାରୀ ବ୍ୟକ୍ତି ରୂପେ ପରିଗଣିତ ହେବେ ଯାହା ପାଇଁ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ କରିଛୁ ।

ଆପଣ ଅ.ସ କହିଲେ ଯେ, ଆପଣମାନେ ଏହା ଭାବନ୍ତୁ ନାହିଁ ଯେ ଏହି ଦୁନିଆ ସବୁକିଛି ଅଟେ । ମୃତ୍ୟୁ ପରେ ତ' ଅଲ୍ଲାଃତାଲା ପ୍ରଶ୍ନୋତ୍ତର କରିବେ ଏବଂ ଭୁଲ୍ କାମଗୁଡ଼ିକର ଶାସ୍ତି ମଧ୍ୟ ଦେବେ । ଇହକାଳ ଏବଂ ପରକାଳର ଉନ୍ନତି ପାଇଁ ସାଧନ ସୃଷ୍ଟି କରନ୍ତୁ । ଧର୍ମର ଜ୍ଞାନ ଅର୍ଜନ କରିବା ପାଇଁ ଏବଂ ଅଲ୍ଲାଃତାଲାଙ୍କର ସତ୍‌ମାର୍ଗ ଉପରେ କାର୍ଯ୍ୟାନୁସରଣ କରିବା ପାଇଁ ପବିତ୍ର କୁରୁଆନ୍‌ର ଜ୍ଞାନ ଅର୍ଜନ କରନ୍ତୁ । ଏହା ଦ୍ୱାରା କେବଳ ନିଜର ଅବସ୍ଥା ଭଲ ହେବ ନାହିଁ ବରଂ ପ୍ରଚାର (ତବଲିଗ୍)ର କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ ।

ଅବଶିଷ୍ଟାଂଶ... ପୃ-8 ରେ

(ଖୁତ୍‌ବା ଜୁମା)

ତୱକ୍କୁଲ୍ ଅଲଲ୍ଲାଃ (ଅଲ୍ଲାଃଙ୍କ ଉପରେ ଅଗାଧ ଭରସା ଓ ବିଶ୍ୱାସ) ସଂପର୍କରେ ସିରତୁନ୍ ନବୀ[ସ.ଅ]ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।



ଭାରତର ପଶ୍ଚିମ ବଙ୍ଗ ରାଜ୍ୟର ଭରତପୁର ନିବାସୀ ଶ୍ରୀଯୁକ୍ତ ସ୍ୱର୍ଗତ ମୁହମ୍ମଦ ଅତାଉର୍ ରହମାନ ସାହେବ, ଇଣ୍ଡୋନେସିଆର ଶ୍ରୀମତି ସ୍ୱର୍ଗତା ଖଦିଜା ସିଦ୍ଦିକା ପୋନ୍ତୋ ସାହେବା ଓ ଇଣ୍ଡୋନେସିଆର ଶ୍ରୀଯୁକ୍ତ ସ୍ୱର୍ଗତ ଅବଦୁଲ୍ ଜଲିଲ୍ ସାହେବଙ୍କ ବିୟୋଗ ଏବଂ ମୃତକମାନଙ୍କ ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

ଖୁତ୍‌ବା ଜୁମା 02 Oct 2026 ମସିହା ଅନୁଯାୟୀ ୦୨ ତୁବୁକ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ ۔ اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ۔ اَلرَّحۡمٰنِ الرَّحِیۡمِ ۔ مٰلِکِ یَوۡمِ الدِّیۡنِ ۔ اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ ۔ اِہۡدِنَا الصِّرَاطَ الۡمُسۡتَقِیۡمَ ۔ صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ۔ غَیۡرِ الۡمَغۡضُوۡبِ عَلَیۡہِمۡ وَ لَا الضَّآلِّیۡنَ ۔ اٰمِیۡن ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ତୱକ୍କୁଲ୍ ଅଲଲ୍ଲାଃ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପରେ ଅଗାଧ ଭରସା ସମ୍ପର୍କରେ ଗତ ଶୁକ୍ରବାର ଦିନ ମୁଁ ମକ୍କାରେ ଆପଣ ସ.ଅଙ୍କ ଜୀବନୀ ସମ୍ପର୍କିତ କେତେକ ଘଟଣାବଳୀ ବର୍ଣ୍ଣନା କରିଥିଲି। ହେଲେ ଆଜି ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ସଂପର୍କରେ ବର୍ଣ୍ଣନା କରିବି ।

ହୁଜୁର୍ ଅନୱର୍ ଅ.ବ କହିଲେ, ହୁଜୁର୍ ଅ.ସ ନିଜର ପ୍ରାରମ୍ଭିକ ଜୀବନ କାଳରୁ ହିଁ ଅଲ୍ଲାଃତାଲାଙ୍କର କୃପା, ଆପଣ ଅ.ସଙ୍କ ସହିତ ତାଙ୍କର (ଅଲ୍ଲାଃଙ୍କର) ବ୍ୟବହାର ଏବଂ ଅଲ୍ଲାଃତାଲାଙ୍କ ଉପରେ ଆପଣ ଅ.ସଙ୍କର ଅଗାଧ ଭରସା (ତୱକ୍କୁଲ୍) ତଥା ବିଶ୍ୱାସ ଯାହା ରହିଥିଲା ତାହାର ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ପ୍ରାୟ 30 ବର୍ଷ ପୂର୍ବରୁ ଯେତେବେଳେ ମୋର ସ୍ୱର୍ଗତ ପିତାଶ୍ରୀ ନିଜର ଶେଷ ବୟସରେ ଅସୁସ୍ଥ ହୋଇଥିଲେ ସେତେବେଳେ ଯେଉଁ ଦିନ ତାଙ୍କର ମୃତ୍ୟୁ ନିର୍ଦ୍ଧାରିତ ଥିଲା ଦ୍ୱିପ୍ରହର ସମୟରେ ମତେ ଐଶୀବାଣୀ ହେଲା, وَالسَّمَآءِ وَالطَّارِقِ" ଏହାର ଅର୍ଥ ହେଉଛି: ଆକାଶ ଏବଂ ରାତିରେ ପ୍ରକାଶ ପାଉଥିବାର ଶପଥ କରି କହୁଛି । ଏହାର ବ୍ୟାଖ୍ୟା କରି ଆପଣ ଅ.ସ କୁହନ୍ତି: "ତତ୍‌ସହିତ ମୋ ହୃଦୟରେ ଏହା ପକାଇ ଦିଆଗଲା ଯେ, ଏହା ତାଙ୍କ (ପିତାଶ୍ରୀଙ୍କ) ର ମୃତ୍ୟୁ ଆଡ଼କୁ ଇଙ୍ଗିତ କରୁଛି ଏବଂ ଏହାର ଅର୍ଥ ହେଉଛି ଯେ, ଆକାଶର ଶପଥ ଏବଂ ସେହି ଦୁର୍ଘଟଣାର ଶପଥ ଯାହା ସୂର୍ଯ୍ୟାସ୍ତ ପରେ ଘଟିବ । ଏହା ଅଲ୍ଲାଃତାଲାଙ୍କ ପକ୍ଷରୁ ନିଜର ଦାସଙ୍କର 'ଅଜା-ପୁର୍ସା' "ଅର୍ଥାତ୍ ସାନ୍ତ୍ୱନା ଦେବା" ଥିଲା । ସେତେବେଳେ ମୁଁ ବୁଝିଗଲି ଯେ, ମୋର ପିତା ସାହେବ ସୂର୍ଯ୍ୟାସ୍ତ ପରେ ମୃତ୍ୟୁବରଣ କରିବେ ଏବଂ ଆଉ କେତେକ ଲୋକଙ୍କୁ ଏହି ଐଶୀବାଣୀ ସଂପର୍କରେ ଜଣାଇ ଦିଆଗଲା ଓ ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ଜୀବନ ରହିଛି ଏବଂ ଯାହାଙ୍କ ଉପରେ ମିଛ କହିବା ଜଣେ ସଇତାନ ଏବଂ ଅଭିଶପ୍ତ ବ୍ୟକ୍ତିର କାମ ଅଟେ । ଅର୍ଥାତ୍ ଠିକ୍ ସେହିପରି ହିଁ ଘଟିଲା ଏବଂ ସେହି ଦିନ ମୋ ପିତାଶ୍ରୀଙ୍କ ପ୍ରକୃତ ରୋଗ ଯାହାକି କିଡ଼ନୀ ରୋଗ ଯନ୍ତ୍ରଣା ଥିଲା ତାହା ଭଲ ହୋଇଯାଇଥିଲା । କେବଳ ଅଳ୍ପ ପେଟର ରୋଗ ଅର୍ଥାତ୍ ଝାଡ଼ା ବାନ୍ତି ବାକି ଥିଲା । 'ଅର୍ଥାତ୍ ଆମାଶୟ (ପିତ୍ତ) ରୋଗ ଥିଲା କିନ୍ତୁ ସେଥିରେ ମଧ୍ୟ ଏପରି ଅଧିକ ଦୁର୍ବଳତା ନଥିଲା । ନିଜର ଶକ୍ତିରେ କୌଣସି ସାହାଯ୍ୟତା ବିନା ସେ ଶୌଚାଳୟକୁ ଯାଉଥିଲେ । ଯେତେବେଳେ ସୂର୍ଯ୍ୟାସ୍ତ ହେଲା ଏବଂ ସେ ଶୌଚାଳୟରୁ ଆସି ଖଟ ଉପରେ ବସିଲେ ସେତେବେଳେ ସେ ବସିବା ମାତ୍ରେ ଜାନ୍ କୁନ୍ଦନ୍" ଅର୍ଥାତ୍ ପ୍ରାଣବାୟୁ ବାହାରିବାର "ଗରଗର ଶବ୍ଦ" ଯାହା ମୃତ୍ୟୁବେଳର ଶବ୍ଦ ଅଟେ ତାହା "ଆରମ୍ଭ ହେଲା । ନିଶ୍ୱାସ ଅଟକି ଅଟକି ଆସିବାକୁ ଲାଗିଲା । ଆପଣ ଅ.ସ କୁହନ୍ତି, "ସେହି ଗରଗର ଅବସ୍ଥାରେ ସେ ମୋତେ କହିଲେ ଯେ, ଦେଖ ! ଏହା କ'ଣ ଏବଂ ପୁଣି ଶୋଇଗଲେ ଏବଂ ଏହା ପୂର୍ବରୁ ମତେ କେବେ ବି ଏପରି ଦେଖିବାର ସୁଯୋଗ ମିଳି ନଥିଲା ଯେ, ମୃତ୍ୟୁର ଶେଷାବସ୍ଥାରେ କେହି ବ୍ୟକ୍ତି କଥାବାର୍ତ୍ତା କରିପାରିବ ଏବଂ ଏହି ଅବସ୍ଥାରେ ସ୍ପଷ୍ଟତା ଏବଂ ଦୃଢ଼ତାର ସହିତ କଥା କହିପାରିବ । ଏହାପରେ ଠିକ୍ ସେହି ସମୟରେ ଯେତେବେଳେ ସୂର୍ଯ୍ୟାସ୍ତ ହେଲା, ସେ ଏହି ନଶ୍ୱର ସଂସାରରୁ ବିଦାୟ ନେଲେ ଏବଂ ଏହା ସେହି ସମସ୍ତ ଐଶୀବାଣୀ ମଧ୍ୟରୁ ପ୍ରଥମ ଐଶୀବାଣୀ ଏବଂ ପ୍ରଥମ ଭବିଷ୍ୟବାଣୀ ଥିଲା ଯାହା ଈଶ୍ୱର ମୋତେ ପ୍ରକାଶ କଲେ । ଦ୍ୱିପ୍ରହର ସମୟରେ ଈଶ୍ୱର ମୋତେ ଏହାର ସୂଚନା ଦେଇଥିଲେ ଯେ, ଏପରି ହେବାକୁ ଯାଉଛି ଏବଂ ସୂର୍ଯ୍ୟାସ୍ତ ପରେ ଏହି ସୂଚନା ପୂର୍ଣ୍ଣ ହୋଇଗଲା ଏବଂ ଏହା ମୋ ପାଇଁ ଗର୍ବର ବିଷୟ ଅଟେ । ମୁଁ ଏହି କଥାକୁ ଭୁଲିବି ନାହିଁ ଯେ, ମୋ ପିତାଙ୍କ ମୃତ୍ୟୁ ସମୟରେ ଅଲ୍ଲାଃତାଲା ମୋତେ ସାନ୍ତ୍ୱନା ଦେଇଥିଲେ ଏବଂ ମୋ ପିତାଙ୍କ ମୃତ୍ୟୁର ଶପଥ ନେଇଥିଲେ ଯେପରି ଈଶ୍ୱର ଆକାଶର ଶପଥ ନେଇଥିଲେ । ଯେଉଁ ଲୋକମାନଙ୍କ ହୃଦୟରେ ସଇତାନୀ ଆତ୍ମା ଜାଗ୍ରତ ଅଛି ସେମାନେ ଆଶ୍ଚର୍ଯ୍ୟ ହେବେ ଯେ, ଏହା କିପରି ସମ୍ଭବ ହୋଇପାରେ ଯେ, ଈଶ୍ୱର କୌଣସି ବ୍ୟକ୍ତିକୁ ଏତେ ମର୍ଯ୍ୟାଦା ପ୍ରଦାନ କରିବେ ଯେ, ତାଙ୍କ ପିତାଙ୍କ ମୃତ୍ୟୁକୁ ଏକ ମହାନ୍ ଦୁଃଖଦ ଘଟଣା ଭାବରେ ଗ୍ରହଣ କରି ତାହାର ଶପଥ ନେବେ, କିନ୍ତୁ ମୁଁ ପୁନର୍ବାର ଅଲ୍ଲାଃତାଲାଙ୍କ ଶପଥ ନେଇ କହୁଛି ଯେ ଏହି ଘଟଣା ସତ୍ୟ ଅଟେ ଏବଂ ସେହି ଈଶ୍ୱର ହିଁ ଥିଲେ ଯିଏ ସାନ୍ତ୍ୱନା ସ୍ୱରୂପ ମୋତେ ସୂଚନା ଦେଇଥିଲେ ଏବଂ କହିଥିଲେ ଯେ وَالسَّمَآءِ وَالطَّارِقِ ଏବଂ ତଦନୁଯାୟୀ ହିଁ ଘଟିଲା"।

ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି: "ଯେତେବେଳେ ମୋତେ ସୂଚନା ଦିଆଗଲା ଯେ, ମୋ ପିତାଶ୍ରୀ ସୂର୍ଯ୍ୟାସ୍ତ ପରେ ମୃତ୍ୟୁବରଣ କରିବେ ସେତେବେଳେ ମାନବୀୟ ସ୍ୱଭାବର ଚାହିଦା (ସୁଲଭ) ଅନୁଯାୟୀ", ଅର୍ଥାତ୍ ମାନବୀୟ ସ୍ୱଭାବର ହେଉଛି ଅନୁଯାୟୀ ମନୁଷ୍ୟକୁ ଚିନ୍ତା ହୋଇଥାଏ, ତେଣୁ "ମୋତେ ଏହି ସୂଚନା ଶୁଣି ଭୀଷଣ ଯନ୍ତ୍ରଣା ହେଲା ଏବଂ ଯେହେତୁ ଆମର ଜୀବିକାର ଅଧିକାଂଶ ମାଧ୍ୟମ ତାଙ୍କ (ପିତାଶ୍ରୀଙ୍କ)ର ଜୀବନ ସହିତ ଜଡ଼ିତ ଥିଲା । କାରଣ ପିତାଶ୍ରୀ ଇଂରେଜ ସରକାରଙ୍କ ତରଫରୁ ପେନସନ୍ ପାଉଥିଲେ ଏବଂ ସେହିପରି ଏକ ବଡ଼ ପରିମାଣର ପୁରସ୍କାର ରାଶି ମଧ୍ୟ ପାଉଥିଲେ ଯାହା ତାଙ୍କ ଜୀବନ ସହିତ ସର୍ତ୍ତଯୁକ୍ତ ଥିଲା । ଜୀବନ ଥିବା ପର୍ଯ୍ୟନ୍ତ ତାଙ୍କୁ (ପିତାଶ୍ରୀଙ୍କୁ) ସରକାରଙ୍କ ତରଫରୁ କେତେକ ଅଧିକାର ପ୍ରାପ୍ତ ହୋଇଥିଲା । ସେଇଥିପାଇଁ ଏହି ଚିନ୍ତା ଆସିଲା ଯେ, ତାଙ୍କର ମୃତ୍ୟୁ ପରେ କ'ଣ ହେବ ଏବଂ ମନରେ ଭୟ ସୃଷ୍ଟି ହେଲା ଯେ, ହୁଏତ ଅଭାବ ଏବଂ କଷ୍ଟର ଦିନ ଆମ ଉପରେ ଆସିବ । ଏହି ସମସ୍ତ ଚିନ୍ତା ବିଜୁଳିର ଚମକ ପରି ଏକ ସେକେଣ୍ଡରୁ ମଧ୍ୟ କମ୍ ସମୟ ଭିତରେ ମନରେ ଆସିଗଲା। ତେଣୁ ସେହି ସମୟରେ ତନ୍ଦ୍ରା ଅବସ୍ଥା ଆସି ଏହି ଦ୍ୱିତୀୟ ଇଲହାମ୍ (ଐଶୀବାଣୀ) ହେଲା: اَلَیۡسَ اللّٰہُ بِکَافٍ عَبۡدَہٗ ଅର୍ଥାତ୍ କ'ଣ ଈଶ୍ୱର ନିଜର ଭକ୍ତ ପାଇଁ ଯଥେଷ୍ଟ ନୁହଁନ୍ତି କି ? ଏହି ଦିବ୍ୟ ଐଶୀବାଣୀ ସହିତ ହୃଦୟ ଏପରି ଦୃଢ଼ୀଭୂତ ହୋଇଗଲା ଯେପରିକି ଏକ କଠିନ ଯନ୍ତ୍ରଣାଦାୟକ କ୍ଷତ କୌଣସି ମଲମ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ଭଲ ହୋଇଯାଏ । ବାସ୍ତବରେ ଏହି ବିଷୟଟି ବାରମ୍ବାର ପରୀକ୍ଷା କରାଯାଇଛି ଯେ ଐଶୀବାଣୀ (ଓହୀଏ ଇଲାହୀ) ରେ ହୃଦୟକୁ ସାନ୍ତ୍ୱନା ଦେବାର ଏକ ବ୍ୟକ୍ତିଗତ ବିଶେଷତ୍ୱ ରହିଛି ଏବଂ ଏହି ବିଶେଷତ୍ୱର ମୂଳଦୁଆ ହେଉଛି ସେହି ବିଶ୍ୱାସ ଯାହା ଐଶୀବାଣୀ ଉପରେ ହୋଇଯାଏ । ଅର୍ଥାତ୍ ଆପଣ ଅ.ସଙ୍କର ବିଶ୍ୱାସ ଥିଲା ଯେ, ଏହା ଅଲ୍ଲାଃତାଲାଙ୍କର ଐଶୀବାଣୀ ଅଟେ ଏବଂ ଅଲ୍ଲାଃତାଲା କହିଲେ, ଯେ ମୁଁ ତୁମ ପାଇଁ ଯଥେଷ୍ଟ ଅଟେ । କ'ଣ ଈଶ୍ୱର ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହଁନ୍ତି ? ବର୍ତ୍ତମାନ ମୋର ବିଶ୍ୱାସ ଅଛି । ମୋତେ ଅନ୍ୟ କୌଣସି ଜିନିଷର ଆଉ ଆବଶ୍ୟକତା ନାହିଁ । କୌଣସି ବିଷୟରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ବର୍ତ୍ତମାନ ଅଲ୍ଲାଃତାଲାଙ୍କ ଉପରେ ହିଁ ମୋର ଭରସା ରହିଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି ଯେ, "ସଂକ୍ଷେପରେ କହିବାକୁ ଗଲେ ଯେତେବେଳେ ମୋତେ ଇଲ୍‌ହାମ୍ (ଐଶୀବାଣୀ) ହେଲା ଯେ اَلَیۡسَ اللّٰہُ بِکَافٍ عَبۡدَہٗ ସେତେବେଳେ ମୁଁ ସେହି ସମୟରେ ବୁଝିଗଲି ଯେ ଈଶ୍ୱର ମୋତେ ନଷ୍ଟ କରିବେ ନାହିଁ । ଅତଏବ୍ ମୁଁ ଜଣେ ମଲାୱା ମଲ୍ ନାମକ ଜଣେ ହିନ୍ଦୁ ଖତ୍ରୀ ବ୍ୟକ୍ତିଙ୍କୁ ଯେକି କାଦିୟାନ୍‌ର ନିବାସୀ ଅଟନ୍ତି ଏବଂ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି, ସେହି ଇଲ୍‌ହାମ୍ (ଐଶୀବାଣୀ) ଲେଖିଦେଲି ଏବଂ ସମସ୍ତ ବୃତ୍ତାନ୍ତ ତାଙ୍କୁ ଶୁଣାଇଲି । ତାଙ୍କୁ ଅମୃତସର ପଠାଇଲି ଯଦ୍ଦ୍ୱାରାକି ହକିମ୍ ମୌଲବୀ ମୁହମ୍ମଦ ଶରିଫ୍ କଲାନୁରୀଙ୍କ ମାଧ୍ୟମରେ ଏହାକୁ କୌଣସି ମଣି (ନଗିନା) ରେ ଖୋଦିତ କରାଇ ଏବଂ ମୋହର ତିଆରି କରାଇ ନେଇ ଆସିବେ । ମୁଁ ଏହି ହିନ୍ଦୁଙ୍କୁ ଉକ୍ତ କାର୍ଯ୍ୟ ପାଇଁ କେବଳ ଏହି ଉଦ୍ଦେଶ୍ୟରେ ମନୋନୀତ କରିଥିଲି ଯେ, ସେ ଏହି ମହାନ ଭବିଷ୍ୟବାଣୀର ସାକ୍ଷୀ ହୋଇଯିବେ । କାରଣ ମୌଲବୀ ମୁହମ୍ମଦ ଶରିଫ୍ ସାହେବ ମଧ୍ୟ ସାକ୍ଷୀ ହୋଇଯିବେ । ତେଣୁ ଉକ୍ତ ମୌଲବୀ ସାହେବଙ୍କ ମାଧ୍ୟମରେ ସେହି ମୁଦି (ମୁଦ୍ରିକା ବା ଆଙ୍ଗୁଠି) ପାଞ୍ଚ ଟଙ୍କା ମୂଲ୍ୟରେ ପ୍ରସ୍ତୁତ ହୋଇ ମୋ ପାଖରେ ପହଞ୍ଚିଗଲା । ତାହା ବର୍ତ୍ତମାନ ପର୍ଯ୍ୟନ୍ତ ମୋ ପାଖରେ ମହଜୁଦ୍ ରହିଛି । ଅଲ୍ଲାଃତାଲାଙ୍କ କୃପାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଚାଲିଆସୁଛି । ଏହା ସେହି କାଳର ଇଲ୍‌ହାମ୍ (ଐଶୀବାଣୀ) ଥିଲା ଯେତେବେଳେ ଆମର ଜୀବିକା, ଅର୍ଥନୈତିକ ଏବଂ ଆରାମର ସମସ୍ତ ନିର୍ଭରଶୀଳତା ଆମ ପିତାଶ୍ରୀଙ୍କ କେବଳ ଏକ ସଂକ୍ଷିପ୍ତ ଆୟ ଉପରେ ସୀମିତ (ନିର୍ଭରଶୀଳ) ଥିଲା । ବାହାରର ଲୋକମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବି ମୋତେ ଜାଣିନଥିଲା ଏବଂ ମୁଁ ଜଣେ ଅଜ୍ଞାତ ମନୁଷ୍ୟ ଥିଲି ଯିଏ କାଦିୟାନ୍ ପରି ଏକ ନିର୍ଜନ ଗାଁରେ ଅଜ୍ଞାତର କୋଣରେ ପଡ଼ି ରହିଥିଲା । ପୁନଶ୍ଚ ଏହାପରେ ଈଶ୍ୱର ନିଜର ଭବିଷ୍ୟବାଣୀ ଅନୁଯାୟୀ ଏକ ଦୁନିଆକୁ ମୋ ଆଡ଼କୁ ଆକର୍ଷିତ କଲେ ଏବଂ ଏପରି କ୍ରମାଗତ ବିଜୟ ଦ୍ୱାରା ଆର୍ଥିକ ସାହାଯ୍ୟତା କଲେ ଯାହାର କୃତଜ୍ଞତା ପ୍ରକାଶ କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ । ମୁଁ ନିଜର ଅବସ୍ଥା ସଂପର୍କରେ ଚିନ୍ତା କରି ଏତକି ମଧ୍ୟ ଆଶା କରିନଥିଲି ଯେ, ଦଶ ଟଙ୍କା ମାସିକ ମଧ୍ୟ ଆସିବ । କିନ୍ତୁ ଅଲ୍ଲାଃତାଲା ଯିଏ ଗରିବ ତଥା ଅଭାବିମାନଙ୍କୁ ଧୂଳିରୁ ଉଠାନ୍ତି ଏବଂ ଗର୍ବିମାନଙ୍କୁ ମାଟିରେ ମିଶାନ୍ତି, ସେ ମୋର ଏପରି ସାହାଯ୍ୟତା କଲେ ଯେ, ମୁଁ ନିଶ୍ଚିତ ଭାବରେ କହିପାରିବି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ତିନି ଲକ୍ଷ ଟଙ୍କା ଆସି ସାରିଛି । ସମ୍ଭବତଃ ଏହା ଠାରୁ ବି ଅଧିକ ହେବ ଏବଂ ଏହି ଆୟକୁ ଏହା ଠାରୁ ଅନୁମାନ କରିନେବା ଉଚିତ୍ ଯେ, ବର୍ଷ ବର୍ଷ ଧରି କେବଳ ଲଙ୍ଗରଖାନା (ଅନ୍ନଛତ୍ର)ରେ ଦେଢ଼ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ଖର୍ଚ୍ଚ ହୋଇଯାଏ ଅର୍ଥାତ୍ ହାରାହାରି ହିସାବରେ ଏବଂ ଖର୍ଚ୍ଚର ଅନ୍ୟାନ୍ୟ ଶାଖାଗୁଡ଼ିକ ଅର୍ଥାତ୍ ମଦ୍ରାସା ଇତ୍ୟାଦି ଏବଂ ବହିଗୁଡ଼ିକର ଛାପିବା ଖର୍ଚ୍ଚ ଏହା ଠାରୁ ଅଲଗା ଅଟେ । ତେଣୁ ଏହା

ଦେଖିବା ଉଚିତ୍ ଯେ ଏହି ଭବିଷ୍ୟବାଣୀ ଅର୍ଥାତ୍ اَلَيْسَ اللّٰهُ بِكَافٍ عَبْدَهٗ କେତେ ସ୍ପଷ୍ଟତା ଏବଂ ଶକ୍ତି ଏବଂ ଭବ୍ୟତାର ସହିତ ପୂର୍ଣ୍ଣ ହେଲା ।"

(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-218-221)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣ ଅ.ସଙ୍କର ଅଲ୍ଲାଃତାଲାଙ୍କ ଉପରେ ଅଗାଧ ଭରସା ତଥା ବିଶ୍ୱାସ ଓ ସତ୍ୟତା ଉପରେ ଅବିଚଳ ରହିବାର ଅନ୍ୟମାନେ ମଧ୍ୟ ପ୍ରଶଂସକ ଥିଲେ । ତେଣୁ ମଲିକ୍ ସଲାହୁଦ୍ଦୀନ୍ ସାହେବ ବର୍ଣ୍ଣନା କରନ୍ତି: "ଜଣେ ବ୍ୟକ୍ତି ଏକ ସଭାରେ ହ. ସାହେବ ଅ.ସଙ୍କର ବିରୋଧ ଯେତେବେଳେ ଆରମ୍ଭ କଲା ସେତେବେଳେ ମୌଲବୀ ଫଜଲ୍ ଦୀନ ସାହେବ ଯେକି ଜଣେ ଅଣଅହମଦି ଓକିଲ ଥିଲେ ଏବଂ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲାରେ ଓକିଲ ଥିଲେ । ସେ "ଅତ୍ୟନ୍ତ ଉତ୍ସାହର ସହିତ କହିଲେ, ଯେ "ମୁଁ ମିର୍ଜା ସାହେବଙ୍କ ମହାନ ବ୍ୟକ୍ତିତ୍ୱ ଏବଂ ନୈତିକ ପୂର୍ଣ୍ଣତାର ପ୍ରଶଂସକ ଅଟେ । ମୁଁ ବଡ଼ ବଡ଼ ଭଲ ଲୋକମାନଙ୍କୁ ଦେଖିଛି ଯେ, ଆଇନଗତ ପରାମର୍ଶ ଉପରେ ସେମାନେ ନିଜର ବୟାନ୍ (ମତ ବିବୃତ୍ତି) ପରିବର୍ତ୍ତନ କରି ଦେଇଛନ୍ତି । କେବଳ ମିର୍ଜା ସାହେବଙ୍କୁ ହିଁ ମୁଁ ଏପରି ବ୍ୟକ୍ତି ପାଇଛି ଯିଏ ସତ୍ୟତାର ସ୍ଥାନରୁ ପାଦେ ହଟାଇ ନାହାନ୍ତି । ମୁଁ ମାର୍ଟିନ୍ କ୍ଲାର୍କଙ୍କ ମାମଲାରେ ଏକ ଆଇନଗତ ବୟାନ୍ ପ୍ରସ୍ତୁତ କଲି ଏବଂ କହିଲି ଯେ ଅଭିଯୁକ୍ତ (ଆସାମୀ)ର ବୟାନ୍ ଶପଥପାଠ ହୋଇନଥାଏ । ମିର୍ଜା ସାହେବ ବୟାନ୍ ପାଠ କରି କହିଲେ, "ଏଥିରେ ତ' ମିଛ ଅଛି। ଅଲ୍ଲାଃତାଲା ତ' ଅନୁମତି ଦେଇ ନାହାନ୍ତି ଯେ, ଅଭିଯୁକ୍ତ ମିଛ କହୁ । ମୁଁ କହିଲି ଯେ, ମହୋଦୟ ! ଆପଣ ଜାଣିଶୁଣି ନିଜକୁ ବିପଦରେ ପକାଉଛନ୍ତି । ତେବେ ମିର୍ଜା ସାହେବ କହିଲେ ଯେ, ଜାଣିଶୁଣି ବିପଦରେ ପକାଇବାର ଅର୍ଥ ଏହିକି ଯେ, ମୁଁ ଆଇନଗତ ବୟାନ୍ ଦେଇ ଅନୁଚିତ ଲାଭ ଉଠାଇବା ପାଇଁ ମୋର ଈଶ୍ୱରଙ୍କୁ ମୁଁ ନାରାଜ୍ (ଅସନ୍ତୁଷ୍ଟ ଓ ଅପ୍ରସନ୍ନ) କରିଦେବି ? ମୋ ଦ୍ୱାରା ଏପରି କଦାପି ହୋଇପାରିବ ନାହିଁ । ସେ ଯାହା ହେଉ ନା କାହିଁକି ।" ଏ ହେଉଛନ୍ତି ସେହି ଅଣଅହମଦି ଓକିଲ । ସେ କୁହନ୍ତି ଯେ, "ସେହି ସମୟରେ ମିର୍ଜା ସାହେବଙ୍କ ଚେହେରାରେ ଏକ ବିଶେଷ ଜଲାଲ୍ (ତେଜ) ଏବଂ ଉତ୍ସାହ ଥିଲା । ମିର୍ଜା ସାହେବ କହିଲେ, "ମୁଁ କେବେ ସ୍ୱପ୍ନରେ ସୁଦ୍ଧା ମଧ୍ୟ ଭାବି ନଥିଲି ଯେ, ଆପଣଙ୍କ ଓକିଲାତିରୁ ଲାଭ ମିଳିବ । ମୋର ଭରସା ତ' ଈଶ୍ୱରଙ୍କ ଉପରେ ରହିଛି ଯିଏ ମୋର ହୃଦୟକୁ ଦେଖନ୍ତି ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କହିଲେ, "ମୁଁ ତାଙ୍କରି ଉପରେ ଭରସା କରେ । ସେ ପ୍ରତ୍ୟେକ ଜିନିଷ ଜାଣନ୍ତି । ସେ ଅନ୍ତର୍ଯାମୀ ଓ ସର୍ବଜ୍ଞ ଅଟନ୍ତି।" ଆପଣ ଅ.ସ କହିଲେ, "ଆପଣ ଦେଖିବେ ମୋର ବୟାନ୍ ଆପଣଙ୍କ ଆଇନଗତ ବୟାନ୍ ଠାରୁ ଅଧିକ ପ୍ରଭାବଶାଳୀ ହେବ । ଏହାକୁ ମଧ୍ୟ ମନେ ରଖନ୍ତୁ ଯେ, ମୁଁ ଅଲ୍ଲାଃଙ୍କ ଉପରେ ଭରସା କରିଛି । ତେଣୁ ବର୍ତ୍ତମାନ ମନେରଖନ୍ତୁ ଯେ, ମୁଁ ଯେଉଁ ବୟାନ ଦେବି ତାହା ଆପଣଙ୍କର ଏହି ଆଇନଗତ ବୟାନଠାରୁ ଅଧିକ ପ୍ରଭାବଶାଳୀ ହେବ ।" ଆପଣ ଅ.ସ ଆଗକୁ ଏହା ମଧ୍ୟ କହିଦେଲେ ଯେ, "ଯଦି କଳ୍ପନା ମୁତାବକ ସଂସାର ଦୃଷ୍ଟିରେ ପରିଣାମ ଭଲ ନ ହୁଏ ଅର୍ଥାତ୍ ମୋତେ ଶାସ୍ତି ମିଳିଯାଏ ତେବେ ମଧ୍ୟ ମୁଁ ଖୁସି ହେବି ଯେ, ମୁଁ ମୋର ପ୍ରଭୁଙ୍କର ଅମାନ୍ୟ କରି ନାହିଁ । ଈଶ୍ୱରଙ୍କର ବିଚିତ୍ର ଲୀଳା ରହିଛି ଯେ, ମିର୍ଜା ସାହେବ ନିଜର ବୟାନ ଉପରେ ନିର୍ଦ୍ଦୋଷ ପ୍ରମାଣିତ ହୋଇଗଲେ ।" ଏହି ଓକିଲ କୁହନ୍ତି ଯେ: "ମୁଁ ତାଙ୍କୁ ଅର୍ଥାତ୍ ମିର୍ଜା ସାହେବଙ୍କୁ ଜଣେ ପୂର୍ଣ୍ଣ ସତ୍ୟବାଦୀ ବ୍ୟକ୍ତି ବୋଲି ଦୃଢ଼ ବିଶ୍ୱାସ କରେ ଏବଂ ମୋ ହୃଦୟରେ ତାହାଙ୍କର ଏକ ବଡ଼ ମର୍ଯ୍ୟାଦା ରହିଛି ।"

(ଅସ୍ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-7, ପୃ-116-117)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ତେଣୁ ଆପଣ ଅ.ସ ସ୍ପଷ୍ଟ ଭାବରେ କହିଦେଲେ ଯେ, "ଓକିଲାତି ତ' ଏକ ପାର୍ଥିବ କାରଣ ଅଟେ ଯାହାକୁ ବ୍ୟବହାର କରିବା ଉଚିତ୍। କିନ୍ତୁ ମୋତେ ତ' ମୋର ଈଶ୍ୱରଙ୍କ ଉପରେ ହିଁ ତୱକ୍କୁଲ୍ (ଅଗାଧ ଭରସା) ଅଛି । ସେହି କାରଣରୁ ମୁଁ ଅଲ୍ଲାଃତାଲାଙ୍କର କୌଣସି ନିର୍ଦ୍ଦେଶର ଉଲ୍ଲଂଘନ କରିପାରିବି ନାହିଁ ଏବଂ ଦୃଢ଼ ବିଶ୍ୱାସର ସହିତ କହିଲି ଯେ, ନିଷ୍ପତ୍ତି ମୋ ସପକ୍ଷରେ ହେବ ଏବଂ ଜମାଅତ୍ ବାହାରର ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ନ ହୋଇ ରହିପାରିଲେ ନାହିଁ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁଫ୍ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ଉଲ୍ଲେଖ କରିଛନ୍ତି ଯେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କହିଲେ, "ଆଜିକାଲି ଲୋକମାନଙ୍କ ବିଚାରରେ ସଭ୍ୟତା (ତେହ୍ଜିବ୍) ଏହା ଅଟେ ଯେ, ମନୁଷ୍ୟ ସଂସାରର କୀଟ ହୋଇଯାଉ। ଈଶ୍ୱରଙ୍କୁ ଭୁଲିଯାଉ ଏବଂ ବାହ୍ୟ (ପ୍ରକାଶ୍ୟ) ସାଧନଗୁଡ଼ିକୁ ପୂଜା କରିବାକୁ ଲାଗିଯାଉ। କିନ୍ତୁ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ସଭ୍ୟତା ଏହା ଯେ, ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା ପ୍ରାପ୍ତ ହୋଇଯାଉ ଏବଂ ତାହାଙ୍କର ମହାନତା, ମର୍ଯ୍ୟାଦା ତଥା ଭୟ ହୃଦୟରେ ଆସନ୍ନିତ (ବସିଯାଉ) ହୋଇଯାଉ ଓ ହୃଦୟକୁ ପ୍ରକୃତ ପବିତ୍ରତା ପ୍ରାପ୍ତ ହୋଇଯାଉ ।"

(ଜିକ୍ରେ ହବିବ୍, ଲେଖକ-ହ. ମୁଫତି ମୁହମ୍ମଦ ସାଦିକ୍ ସାହେବ, ପୃ-105)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହି ତୱକ୍କୁଲ୍ (ଅଗାଧ ଈଶ୍ୱର ବିଶ୍ୱାସ) ଏବଂ ପ୍ରକୃତ ପବିତ୍ରତାର ଆପଣ ଅ.ସ ଏକ ଉଦାହରଣ ଦିଅନ୍ତି ଯେ, ଯେତେବେଳେ ଆପଣ ଅ.ସ ସାଧାରଣ ଲୋକମାନଙ୍କ ଠାରୁ ବୈଅତ୍ (ଦୀକ୍ଷା) ଗ୍ରହଣ କରୁଥିଲେ ସେତେବେଳେ ହ. ମସିହ ମସିହ୍ ମଉଦ୍ ଅ.ସଙ୍କର କର୍ମ (ଆଚରଣ) କ'ଣ କିପରି ଥିଲା ? ଆପଣ ଅ.ସ ବୈଅତ୍ କରୁଥିବା ଲୋକମାନଙ୍କୁ ଏହି ଉପଦେଶ ଦେଉଥିଲେ ଯେ, ଏକଦା ଆପଣ ଅ.ସ ଅଧିକାଂଶ ଅହମଦିମାନଙ୍କୁ ଉପଦେଶ ଦେବା ସମୟରେ ଏହା ହିଁ କହୁଥିଲେ ଯେ, "ଏହି ଜମାଅତରେ ପ୍ରବିଷ୍ଟ ହୋଇ ପ୍ରଥମେ ଜୀବନରେ ପରିବର୍ତ୍ତନ ଆଣିବା ଉଚିତ୍ । ନିଜ ଭିତରେ ପରିବର୍ତ୍ତନ ଆଣନ୍ତୁ ଯେ, ଈଶ୍ୱରଙ୍କ ଉପରେ ପ୍ରକୃତ ବିଶ୍ୱାସ ସ୍ଥାପିତ ହେଉ ଏବଂ ସେ ପ୍ରତ୍ୟେକ ବିପଦରେ କାମ ଦିଅନ୍ତୁ । ପୁନଶ୍ଚ ତାହାଙ୍କର ନିର୍ଦ୍ଦେଶବଳୀଗୁଡ଼ିକୁ ତୁଚ୍ଛ (ନଜରେ ଖୁଫ୍ଟତ୍) ଭାବରେ ଦେଖା ନ ଯାଉ । ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡ଼ିକୁ ସାଧାରଣ ବୋଲି ମନେ କରନ୍ତୁ ନାହିଁ ବରଂ ପ୍ରତ୍ୟେକଟି ଆଦେଶାବଳୀ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉ ଏବଂ ବ୍ୟବହାରିକ ରୂପେ ଏହି ସମ୍ମାନ ଓ ମର୍ଯ୍ୟାଦାର ପ୍ରମାଣ ଦିଆଯାଉ । ବ୍ୟବହାରିକ ପ୍ରମାଣ କ'ଣ ? ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରାଯାଉ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସମସ୍ତ ପ୍ରକାରରେ ସାଧନ ଏବଂ ସାଧନଗୁଡ଼ିକ ସମ୍ମୁଖରେ ମୁଣ୍ଡ ନୁଆଁଇବା ଅର୍ଥାତ୍ ସମ୍ପୂର୍ଣ୍ଣ ଭାବରେ ସାଧନଗୁଡ଼ିକ ଆଗରେ ମୁଣ୍ଡ ନୁଆଁଇବା ଏବଂ କେବଳ ସେହି ସାଧନଗୁଡ଼ିକ ଉପରେ ଭରସା କରିବା ଓ ଈଶ୍ୱରଙ୍କ ଉପରେ ଭରସା କରିବା ଛାଡ଼ିଦେବା ଏହା ଶିର୍କ ଅଟେ । ଯେପରିକି ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବା ଶିର୍କ ଅଟେ । ଠିକ୍ ସେହିପରି ସାଧନଗୁଡ଼ିକ ଉପରେ ବିଶ୍ୱାସ କରିବା ମଧ୍ୟ ଶିର୍କ ଅଟେ । ଆପଣ ଅ.ସ ପ୍ରତ୍ୟେକ ବୈଅତ୍କାରୀଙ୍କୁ ଏହି ଉପଦେଶ ଦେଉଥିଲେ। ହୁଜୁର୍ ଅ.ସ କହିଲେ, "ସାବଧାନତା ଏପରି ସୀମା ପର୍ଯ୍ୟନ୍ତ ଅବଲମ୍ବନ କରିବା ଉଚିତ୍ ଯେ, ଯଦ୍ଦ୍ୱାରାକି ଶିର୍କ ଅନିର୍ବାର୍ଯ୍ୟ ନହେଉ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ମୋର ଏହି ଧର୍ମମତ ରହିଛି ଯେ, ମୁଁ ସାଧନଗୁଡ଼ିକର ବ୍ୟହାର କରିବାକୁ ବାରଣ କରୁ ନାହିଁ କିନ୍ତୁ ସେଗୁଡ଼ିକ ଉପରେ ଭରସା କରିବାକୁ ବାରଣ କରୁଛି । ହାତ କାର୍ଯ୍ୟରେ ଏବଂ ହୃଦୟ ଈଶ୍ୱରଙ୍କ ସ୍ମରଣରେ ମଗ୍ନ ରହିବା" ଅର୍ଥାତ୍ ହାତ କାର୍ଯ୍ୟରେ ଥାଉ ଏବଂ ହୃଦୟ ଈଶ୍ୱରଙ୍କୁ ସ୍ମରଣ କରିବାରେ ବ୍ୟସ୍ତ ରହୁ । ତେଣୁ ଏହି ପ୍ରସଙ୍ଗ ହେବା ଉଚିତ୍ ।"

(ଜିକ୍ରେ ହବିବ୍, ଲେଖକ-ହ. ମୁଫତି ମୁହମ୍ମଦ୍ ସାଦିକ୍ ସାହେବ, ପୃ-354)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, "ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୁମକୁ ଔଷଧର ସେବନ ଏବଂ ଉପାୟ ପାଞ୍ଚିବା (ପନ୍ଥା ତଥା ଯୋଜନା ଅବଲମ୍ବନ କରିବା)ରୁ ବାରଣ କରାଯାଇ ନାହିଁ । କିନ୍ତୁ ସେଗୁଡ଼ିକ ଉପରେ ଭରସା କରିବାକୁ ବାରଣ କରାଯାଇଛି । ଶେଷରେ ତାହା ହିଁ ହେବ ଯାହା ଈଶ୍ୱରଙ୍କ ଇଚ୍ଛା ହେବ । ଯଦି କାହା ପାଖରେ ଶକ୍ତି ଥାଏ ଓ ସାମର୍ଥ୍ୟବାଦୀ ତେବେ ତୱକ୍କୁଲ୍ (ଈଶ୍ୱର ଭରସା)ର ସ୍ଥାନ ପ୍ରତ୍ୟେକ ସ୍ଥାନ ଠାରୁ ବଡ଼ ଅଟେ ।

(କିଶ୍ତି ନୁହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-19, ପୃ-13)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କହିଲେ, "ଔଷଧଗୁଡ଼ିକରେ ଅଲ୍ଲାଃତାଲା ରୋଗ ନିବାରଣର ବିଶେଷ ଗୁଣ (ଖୱାସ୍) ମଧ୍ୟ ନିହିତ ରଖିଛନ୍ତି । ଔଷଧଗୁଡ଼ିକରେ ରୋଗର ଆରୋଗ୍ୟ ପ୍ରଦାନକାରୀ ଗୁଣଗୁଡ଼ିକ ରହିଥାଏ ଏବଂ ହଦିସ୍ ଶରୀଫରେ ମଧ୍ୟ ଆସିଛି ଯେ, ଔଷଧଗୁଡ଼ିକରେ ପ୍ରଭାବ ଥାଏ ଏବଂ ଏହା ଦ୍ୱାରା ରୋଗଗୁଡ଼ିକର ଚିକିତ୍ସା କରାଯାଇଥାଏ । କିନ୍ତୁ ଏହି ସାଧନଗୁଡ଼ିକ ଉପରେ ଭରସା କରିନେବା ଏବଂ ଏହା ଭାବିବା ଯେ, କେବଳ ଏହି ସାଧନମାନଙ୍କ ମାଧ୍ୟମରେ ମୁକ୍ତି ଏବଂ ସଫଳତା ପ୍ରାପ୍ତ ହୋଇଯିବ ତେବେ ଏହା ହେଉଛି ଏକ ଜଘଣ୍ୟ ଶିର୍କ ଏବଂ ଅବିଶ୍ୱାସକାରୀତା । କେବଳ ସାଧନଗୁଡ଼ିକ ଉପରେ ଭରସା କରାଯିବା ଉଚିତ୍ ନୁହେଁ । ବରଂ ଏପରି ହେବା ଉଚିତ୍ ଯେ, ସାଧନଗୁଡ଼ିକୁ ଉପଲବ୍ଧ କରି ପୁଣି ଈଶ୍ୱରଙ୍କ ଉପରେ ଭରସା ଓ ବିଶ୍ୱାସ କରାଯିବା ଉଚିତ୍ । କାରଣ ଯଦି ସେ ଅର୍ଥାତ୍ ଈଶ୍ୱର ଚାହାଁନ୍ତି ତେବେ ଏହି ସାଧନଗୁଡ଼ିକୁ ଉପକାରୀ କରିଦେବେ ଏବଂ ସେହି ଠାରୁ ହିଁ ପୁଣି ପ୍ରାର୍ଥନା କରିବା ଉଚିତ୍ । କାରଣ ସାଧନଗୁଡ଼ିକ ଉପରେ ପରିଣାମ ତଥା ଫଳାଫଳ ବାହାର କରାଇବା ତ' ତାଙ୍କରି ଅର୍ଥାତ୍ ଈଶ୍ୱରଙ୍କର ହିଁ କାର୍ଯ୍ୟ ଅଟେ ଏବଂ ଏହା ହିଁ ତୱକ୍କୁଲ୍ ଅର୍ଥାତ୍ ଈଶ୍ୱର ବିଶ୍ୱାସ ଅଟେ । **(ମଲ୍ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-340, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ମଜ୍ଲିସ୍ (ସଭା)ରେ କେତେକ ରୋଗର ବର୍ଣ୍ଣନା (ଚର୍ଚ୍ଚା)ଥିଲା । ଆପଣ ଅ.ସ କହିଲେ, "ମୋର ଏହିପରି ଧର୍ମମତ ରହିଛି ଯେ, ରୋଗଗୁଡ଼ିକର ପ୍ରାର୍ଥନା ମାଧ୍ୟମରେ ଏପରି ଆରୋଗ୍ୟ ଲାଭ ହୋଇଥାଏ ଯେ, ସେ ସମ୍ପର୍କରେ ମୋ ହୃଦୟରେ ଯାହାକିଛି ରହିଛି ତାହାକୁ ମୁଁ ପ୍ରକାଶ କରିପାରିବି ନାହିଁ । ମୋର ହୃଦୟରେ କେଉଁ ଚିନ୍ତାଧାରା (ଧାରଣା) ରହିଛି ସେହି ଚିନ୍ତାଧାରାଗୁଡ଼ିକୁ ମୁଁ କହିପାରିବି ନାହିଁ । ଆପଣ ଅ.ସ କହିଲେ, "ଚିକିତ୍ସକ (ଡାକ୍ତର) ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଯାଇ ଅଟକି ଯାଇଥାଏ ଏବଂ ନିରାଶ ହୋଇଯାଇଥାଏ । ଅଧିକାଂଶ ଲୋକ ଏବେ ମଧ୍ୟ ଚିଠି ଲେଖନ୍ତି ଯେ, ଆମେମାନେ ନିରାଶ ହୋଇଯାଇଛୁ । ଡାକ୍ତର ଉତ୍ତର ଦେଇଦେଲେ । କିନ୍ତୁ ଏହା ଆଗକୁ ଈଶ୍ୱର ପ୍ରାର୍ଥନା ମାଧ୍ୟମରେ ପଥ ଉନ୍ମୁକ୍ତ କରି ଦିଅନ୍ତୁ (ପଥ ଖୋଲିଦିଅନ୍ତି) । ଈଶ୍ୱରଜ୍ଞାନ (ଅର୍ଥାତ୍ ଈଶ୍ୱରଙ୍କୁ ଚିହ୍ନିବା) ଏବଂ ଈଶ୍ୱରଙ୍କ ଉପରେ ତୱକ୍କୁଲ୍ (ଭରସା କରିବା) ଏହାର ହିଁ ନାମ ଅଟେ ଯେ, ଯେଉଁ ସୀମାଗୁଡ଼ିକ ଲୋକମାନେ ଧାର୍ଯ୍ୟ କରିଛନ୍ତି ସେହି ସୀମା ଠାରୁ ଆଗକୁ ବଢ଼ି ଆଶା ସୃଷ୍ଟି ହେବା ଉଚିତ୍। ଅର୍ଥାତ୍ ଏହା ଠାରୁ ବଳି ଆଶା ସୃଷ୍ଟି ହେବା ଉଚିତ୍ । ଅନ୍ୟଥା ତହିଁରେ ତ' ମନୁଷ୍ୟ ଜୀବନ୍ତ ଅବସ୍ଥାରେ ହିଁ ମୃତ୍ୟୁବରଣ କରିଥାଏ । ଏହି ସ୍ଥାନରୁ ହିଁ ଅଲ୍ଲାଃତାଲାଙ୍କ ପରିଚୟ ଆରମ୍ଭ ହୋଇ ଯାଇଥାଏ ।

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-160-161, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣ ଅ.ସ ଯାହା ମଜ୍ଲିସ୍‌ରେ (ସଭାରେ) ବର୍ଣ୍ଣନା କରିଥିଲେ, ତାହା 'ଅଲ୍ ହକମ୍'ରେ ଥିଲା । 'ବଦର୍' ପତ୍ରିକାରେ ଅତିରିକ୍ତ ବାକ୍ୟ ରହିଛି ଯେ, ଆପଣ ଅ.ସ କହିଲେ, ମୋର ତ' ପ୍ରକୃତ ଧର୍ମମତ ଏହା ଯେ, ଯଦି ସମସ୍ତ ସଂସାରର ଡାକ୍ତର ନିରାଶ ହୋଇଯାଆନ୍ତି ଏବଂ ମୃତ୍ୟୁର ଫତ୍ୱା (ଧର୍ମାଦେଶ) ଦେଇ

ଦିଅନ୍ତି । ତଥାପି ଆଧ୍ୟାତ୍ମିକ ସାଧନଗୁଡ଼ିକ ଉପଲବ୍ଧ ହେବା ପରେ ଏବଂ ଯଥାପର୍ଯ୍ୟନ୍ତ ଧ୍ୟାନ ସୃଷ୍ଟି ହେବା ଉପରେ ଦୁଆ ଗ୍ରହଣ ହୋଇ ଆରୋଗ୍ୟ ଲାଭ ମିଳିଯାଇଥାଏ । **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-160ର ପାଦଟୀକା, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୌଲବୀ ଅବଦୁଲ୍ କରୀମ ସାହେବ ସିଆଲକୋଟୀ ର.ଅଙ୍କର ଅସୁସ୍ଥତା ସମ୍ବନ୍ଧରେ ହ. ମସିହ ମସିହ୍ ମଉଦ୍ ଅ.ସଙ୍କର ଈଶ୍ୱର ବିଶ୍ୱାସର ପୂର୍ଣ୍ଣ ମର୍ଯ୍ୟାଦା ସଂପର୍କରେ ପ୍ରକାଶ କରି ଶେଖ୍ ୟାକୁବ ଅଲୀ ସାହେବ ଇର୍ଫାନୀ ର.ଅ ବର୍ଣ୍ଣନା କରନ୍ତି ଯେ, ପ୍ରକୃତରେ କୌଣସି ବ୍ୟକ୍ତିର ପ୍ରକୃତ ପ୍ରେମ ଏବଂ ନିଷ୍ଠାକୁ ପରୀକ୍ଷା କରିବାର ଏହା ହେଉଛି ପ୍ରକୃଷ୍ଟ ସମୟ । ସେହିପରି ବ୍ୟକ୍ତିର ଅଲ୍ଲାଃତାଲାଙ୍କ ଶକ୍ତି ଉପରେ କିପରି ବିଶ୍ୱାସ ରହିଛି ଏବଂ ତା'ର ସମ୍ପର୍କ ଈଶ୍ୱରଙ୍କ ସହିତ କିପରି ଅଛି ? କାରଣ ଏପରି ଏକ ଜଟିଳ ଅବସ୍ଥାରେ ବିଶେଷକରି ଯେତେବେଳେ ଚିକିତ୍ସକ ଏବଂ ଡାକ୍ତର ମଧ୍ୟ ନିରାଶାର ବାତାବରଣରେ ଥାଆନ୍ତି । ଯେଉଁମାନଙ୍କୁ ଅଲ୍ଲାଃତାଲା ନିଜ ହାତରେ ପବିତ୍ର କରିଛନ୍ତି, ସେହି ବ୍ୟକ୍ତିମାନଙ୍କୁ ଛାଡ଼ି ଅନ୍ୟ କେହି ବି ଅବିଚଳ ରହିପାରିବେ ନାହିଁ ଏବଂ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ମୌଲବୀ ସାହେବ ର.ଅଙ୍କର ରୋଗରେ ନିଜର ଚରମ ପ୍ରେମ ଏବଂ ତ୍ୟାଗର ଏବଂ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା ଏବଂ ତୱକ୍କୁଲର ଯେଉଁ ଆଦର୍ଶ ପ୍ରଦର୍ଶନ କଲେ ତାହା ଜଣେ ଜ୍ଞାନୀ (ଚକ୍ଷୁଷ୍ମାନ୍ ବ୍ୟକ୍ତି) ପାଇଁ ଯଥେଷ୍ଟ ଅଟେ । ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଈଶ୍ୱରପ୍ରେରିତ ହେବାର ଏବଂ ଈଶ୍ୱରଙ୍କ ସହିତ ତାଙ୍କର ସତ୍ୟାତ୍ମକ ସମ୍ପର୍କ ହେବାର ଉକ୍ତ କଥାର ଯଥେଷ୍ଟ ଓ ବଳିଷ୍ଠ ପ୍ରମାଣ ଅଟେ ଯେ, ଯଦି କେହି ମହାବତାର ହ. ମୁହମ୍ମଦ ସ.ଅଙ୍କର ଆଦର୍ଶ ଆଜି ଉମ୍ମତ୍ (ଇସଲାମ୍ ଧର୍ମାବଲମ୍ବୀ) ଦେଖିବାକୁ ଚାହେଁ ତେବେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ମିର୍ଜା ଗୁଲାମ ଅହମଦ କାଦିୟାନୀ ଅ.ସଙ୍କ ଠାରୁ ବଳି ଆଉ କେହି ନାହାନ୍ତି, ଯାହାଙ୍କୁ ସମସ୍ତ ଦୁନିଆରେ ଖୋଜି ଦେଖନ୍ତୁ । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ, ଗ୍ରନ୍ଥଖଣ୍ଡ-2, ପୃ-185-186)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯଦିଓ ହ. ମୌଲବୀ ଅବ୍‌ଦୁଲ୍ କରୀମ ସାହେବ ର.ଅଙ୍କ ବିୟୋଗ ହୋଇ ଯାଇଥିଲା । କିନ୍ତୁ ଶେଷ ସମୟ ପର୍ଯ୍ୟନ୍ତ ହ. ମସିହ୍ ମଉଦ୍ ଅ.ସ ତାଙ୍କ ପାଇଁ ପ୍ରାର୍ଥନା କରୁଥିଲେ । ପୁନଶ୍ଚ ଯେତେବେଳେ ସମୟ ଆସିଲା ସେତେବେଳେ ଅଲ୍ଲାଃତାଲାଙ୍କ ସନ୍ତୁଷ୍ଟି (ପ୍ରସନ୍ନତା, ଇଚ୍ଛା) ଉପରେ ପ୍ରସନ୍ନ ତଥା ସନ୍ତୁଷ୍ଟ ମଧ୍ୟ ହୋଇଗଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୱକ୍କୁଲ୍ କହିଲେ ଏହା ବୁଝାଏ ଯେ, ଯେଉଁ ସାଧନଗୁଡ଼ିକ ଅଲ୍ଲାଃତାଲା କୌଣସି କାର୍ଯ୍ୟ ହାସଲ କରିବା ପାଇଁ ଧାର୍ଯ୍ୟ କରିଛନ୍ତି ସେଗୁଡ଼ିକୁ ଯଥାସାଧ ଏକତ୍ରିତ କରନ୍ତୁ ଏବଂ ପୁନଶ୍ଚ ନିଜେ ପ୍ରାର୍ଥନାରେ (ଦୁଆରେ) ଲାଗିଯାଆନ୍ତୁ । ଅର୍ଥାତ୍ ହେ ଈଶ୍ୱର ! ତୁମେ ହିଁ ଏହାର ସୁପରିଣାମ କର । ଶହ ଶହ ଏବଂ ସହସ୍ର (ହଜାର୍ ହଜାର) ବିପତ୍ତି ଅଛି ଯାହା ସେହି ସାଧନଗୁଡ଼ିକୁ ମଧ୍ୟ ନଷ୍ଟ ଏବଂ ଓଲଟପାଲଟ କରି ଦେଇପାରେ । ସେମାନଙ୍କର ଆକ୍ରମଣ ତଥା ପହଞ୍ଚରୁ ରକ୍ଷା କରି ଆମକୁ ପ୍ରକୃତ ସଫଳତା ଏବଂ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦିଅ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-288, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି: "ପ୍ରକୃତରେ ଲୋକମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଯାଇଛି । ସେଇଥିପାଇଁ ସେମାନେ ପାପରୁ ବର୍ତ୍ତିବାକୁ ଓ ନିବୃତ୍ତ ରହିବାକୁ ପ୍ରୟାସ କରୁ ନାହାନ୍ତି । ପ୍ରତ୍ୟେକଙ୍କ ମଧ୍ୟରେ କିଛି ନା କିଛି ଅସାବଧାନତାର ଅଂଶ ରହିଯାଏ । ସେହିପରି ବର୍ତ୍ତମାନ ଈଶ୍ୱର ଚାହାଁନ୍ତି ଯେ, ଏହି ଲୋକମାନେ ବୁଝିଯାଆନ୍ତୁ ଯେ, ଯେପରି ନୁହ୍ ଅ.ସଙ୍କ ଯୁଗରେ ତାଙ୍କର ପୁତ୍ର କହିଥିଲା ଯେ, ମୁଁ ପାହାଡ଼ର ଆଶ୍ରୟରେ ଆସିଯାଇଛି । ସେହିପରି ଏହି ଲୋକମାନେ କୁହନ୍ତି(ଆପଣ ଅ.ସ ତାଉନ୍ ଅର୍ଥାତ୍ ପ୍ଲେଗ୍ ଯୁଗର କଥା କହୁଛନ୍ତି) ଯେ, ଆମେମାନେ ଟିକାର ଆଶ୍ରୟରେ ପ୍ଲେଗରୁ ବର୍ତ୍ତିଯିବୁ । ସବୁଠାରୁ ଆବଶ୍ୟକୀୟ ଜିନିଷ ହେଉଛି ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ । ଏହି ବିଶ୍ୱାସ ବିନା କର୍ମରେ କଦାପି କଲ୍ୟାଣ ସୃଷ୍ଟି କରି ନଥାଏ...।" ଆପଣ ଅ.ସ କହିଲେ: "ଯଦି ଲୋକମାନେ ଆଜି ହିଁ ତୌହିଦ୍ (ଏକେଶ୍ୱରବାଦ) ଉପରେ ପ୍ରତିଷ୍ଠିତ ହୋଇଯାଆନ୍ତି ତେବେ ଆଜି ହିଁ ଏହି ବିପଦ ଦୂର ହୋଇଯିବ । ଈଶ୍ୱର ମନୁଷ୍ୟର କର୍ମକୁ ଦେଖନ୍ତି ଯେ, ସେମାନେ ତୌହିଦ୍ (ଏକେଶ୍ୱରବାଦ) ଉପରେ ପ୍ରତିଷ୍ଠିତ ଅଛନ୍ତି ଅବା ନୁହେଁ ? ଅନେକ କର୍ମ ତୱକ୍କୁଲ୍ (ଭରସା)ର ବିରୁଦ୍ଧରେ, ଏକେଶ୍ୱରବାଦର ବିରୁଦ୍ଧରେ ହୋଇଥାଏ, ସେ ପଛେ କୌଣସି ପ୍ରକାରେ '**ଲା ଇଲାହା ଇଲ୍ଲଲ୍ଲାଃହୁ**' କହୁ ନା କାହିଁକି । କିନ୍ତୁ ସେଥିରେ ସେ ମିଥ୍ୟାବାଦୀ ହୋଇଥାଏ ଏବଂ ଏହା ହିଁ ଫିସ୍କ୍ (ଦୁରାଚାର ବା ଦୁଷ୍କର୍ମ) ଅଟେ । ଆଜିକାଲି ଯେଉଁ ପରିମାଣରେ ସାଧନଗୁଡ଼ିକ ଉପରେ ଭରସା କରାଯାଉଛି ତାହାର ଦୃଷ୍ଟାନ୍ତ ପୂର୍ବ ଯୁଗରେ ମିଳେ ନାହିଁ । ଯଦିଓ ସେହି କାଳରେ ପାପାଚାର ହେଉଥିଲା କିନ୍ତୁ ଈଶ୍ୱରଙ୍କର ଭୟ ମଧ୍ୟ ହୃଦୟରେ ରହୁଥିଲା ।"

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃ-387, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସୟେଦ୍ ଜୈନୁଲ ଆବିଦୀନ୍ ଶାହ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ମୋତେ ଭଲଭାବରେ ମନେ ଅଛି ଯେ, ଯେତେବେଳେ ଅଞ୍ଚଳରେ ବା ସହରରେ ପ୍ଲେଗ୍ ରୋଗ୍ ପ୍ରାଦୁର୍ଭୂତ ହେଉଥିଲା ସେତେବେଳେ ହୁଜୁର ଅ.ସ କେବଳ ନିଜ ଘରର ପରିଷ୍କାର ପରିଚ୍ଛନ୍ନତାର ଆଦେଶ ଦେଉନଥିଲେ" ସାଧନଗୁଡ଼ିକର ବ୍ୟବହାର ହେଉଅଛି ତାହା ନୁହେଁ" ବରଂ ବୋର୍ଡିଂ ହାଉସର ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧରେ ମଧ୍ୟ ଯତ୍ନବାନ୍ ଥିଲେ । ସେହିପରି ସମସ୍ତ ବନ୍ଧୁମାନଙ୍କୁ ଆପଣ ଅ.ସ ଆଦେଶ ଦେଉଥିଲେ ଯେ, ନିଜ ଘରମାନଙ୍କରେ ଗନ୍ଧକ, ନିଆଁ, ଫିନାଇଲ୍ ଏବଂ ଗୁଗୁଲ୍ (ଏହା ଏକ ବୃକ୍ଷର ନାମ ଯେଉଁ ବୃକ୍ଷରୁ ଅଠା ବାହାରିଥାଏ ଏବଂ ସେହି ଅଠାର ଧୂଆଁ ଦିଆଯାଏ, ଜୀବାଣୁ ନାଶକ ହୋଇଥାଏ) ଇତ୍ୟାଦି ଜିନିଷ ବ୍ୟବହାର କରି ଜୀବାଣୁଗୁଡ଼ିକୁ ନଷ୍ଟ କରିବାର ବ୍ୟବସ୍ଥା କରାଯାଉ । ଅର୍ଥାତ୍ ଜିନିଷଗୁଡ଼ିକୁ ବ୍ୟବହାର କରନ୍ତୁ ଏବଂ ସେହି ଜିନିଷଗୁଡ଼ିକ ଦ୍ୱାରା ଜୀବାଣୁ ନଷ୍ଟ କରିବାର ବ୍ୟବସ୍ଥା କରନ୍ତୁ । ଧୂଆଁ ଇତ୍ୟାଦି ଦିଅନ୍ତୁ । ଫିନାଇଲ୍ ସିଞ୍ଚନ କରନ୍ତୁ । ସ୍ପ୍ରେ କରନ୍ତୁ । ହୁଜୁର୍ ଅ.ସ କହୁଥିଲେ ଯେ, ସାଧନଗୁଡ଼ିକୁ ବିନିଯୋଗ କରିବା ମଧ୍ୟ ଅଲ୍ଲାଃତାଲାଙ୍କର କୃପାର କୃତଜ୍ଞତା ପ୍ରକାଶ କରିବା ଅଟେ । ତାହାଙ୍କର ଆଦେଶର ପାଳନ ସମତୁଲ୍ୟ ଅଟେ ଏବଂ ସାଧନଗୁଡ଼ିକୁ ପରିତ୍ୟାଗ କରିବା ଇସ୍‌ଲାମୀୟ ଶରିୟତ୍‌ର (ଧର୍ମବିଧାନ) ବିରୁଦ୍ଧୀୟ ଅଟେ । ତୱକ୍କୁଲ (ଈଶ୍ୱର ବିଶ୍ୱାସ)ର ସ୍ଥାନ ଏହାପରେ ଅଛି । ଅର୍ଥାତ୍ ଏହି ସାଧନଗୁଡ଼ିକୁ ଗ୍ରହଣ କରି ସାଧାନଗୁଡ଼ିକ ଉପରେ ଭରସା ନ କରାଯାଇ ବରଂ ଅଧ୍ୟାତ୍ମ ପରିଚୟ (ମଆରିଫତ୍) ଏହା ଅଟେ ଯେ, ସାଧନଗୁଡ଼ିକ ପଛରେ ଅଲ୍ଲାଃତାଲାଙ୍କର ହାତକୁ ଦେଖାଯାଉ ।"

(ରିୱାୟତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-5, ପୃ-35)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସମସ୍ତ ଉପାୟଗୁଡ଼ିକ ବ୍ୟବହାର କରାଯାଉ ତା'ପରେ ଦେଖାଯାଉ ଯେ, ଅଲ୍ଲାଃତାଲା ଏହା ପଛରେ ଅଛନ୍ତି । ତେଣୁ ଏହି ଚିନ୍ତାଧାରା ହେବା ଉଚିତ୍ । ଏହି ଇମାନ୍ (ବିଶ୍ୱାସ) ହେବା ଉଚିତ୍ । ହ. ମିର୍ଜା ବଶୀର୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଡାକ୍ତର ମୀର ମୁହମ୍ମଦ ଇସ୍‌ମାଇଲ୍ ସାହେବ ମୋତେ କହିଲେ ଯେ, ହ. ମସିହ୍ ମଉଦ୍ ଅ.ସ ପରିଷ୍କାର ପରିଚ୍ଛନ୍ନତା ପ୍ରତି ବେଶ୍ ଯତ୍ନବାନ୍ ଥିଲେ । ବିଶେଷକରି ପ୍ଲେଗ୍ ଦିନଗୁଡ଼ିକରେ ଏତେ ଧ୍ୟାନ ରହୁଥିଲା ଯେ, ଲୋଟାରେ ଫିନାଇଲ୍ ଘୋଳ କରି ନିଜେ ନିଜ ହାତରେ ଘରର ଶୌଚାଳୟ ଏବଂ ନାଳ ନର୍ଦ୍ଦମାଗୁଡ଼ିକରେ ଯାଇ ପକାଉଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର ଅହମଦ ସାହେବ ର.ଅ କୁହନ୍ତି ଯେ, ବିନୀତ କହୁଛି ଯେ "କେତେକ ସମୟରେ ହ. ମସିହ ମଉଦ୍ ଅ.ସ ଘରେ ଜାଳେଣୀ କାଠର ବଡ଼ ସ୍ତୂପ ଲଗାଇ ନିଆଁ ମଧ୍ୟ ଜାଳୁଥିଲେ ଯାହାଫଳରେ କ୍ଷତିକାରକ ଜୀବାଣୁ ମରିଯାଉଥିଲେ । ଆପଣ ଅ.ସ ଏକ ବଡ଼ ଲୁହା ଅଙ୍ଗିଠି ମଧ୍ୟ ମଗାଇ ରଖିଥିଲେ ଯେଉଁଥିରେ କୋଇଲା ପକାଇ ଏବଂ ଗନ୍ଧକ ଇତ୍ୟାଦି ରଖି କୋଠରୀ ଭିତରେ ଜାଳାଯାଉଥିଲା ଏବଂ ସେହି ସମୟରେ ଦୁଆରଗୁଡ଼ିକୁ ବନ୍ଦ କରି ଦିଆଯାଉଥିଲା । ଏହାର (ଅଙ୍ଗିଠି) ଏତେ ଗରମ ହେଉଥିଲା ଯେ, ଯେତେବେଳେ ଅଙ୍ଗିଠି ଥଣ୍ଡା ହୋଇଯିବାର ଅନେକ ସମୟ ପରେ ମଧ୍ୟ କୋଠରୀ ଖୋଲାଯାଉଥିଲା ସେତେବେଳେ ମଧ୍ୟ ତହିଁରୁ (ଅଙ୍ଗିଠି) ଭିତରୁ ଭାଟି ପରି ତାତି ରହୁଥିଲା ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣି ଆପଣ ର.ଅ କୁହନ୍ତି ଯେ "ସେହିପରି ବିନୀତ କହୁଛି ଯେ: "ନବୀମାନଙ୍କର ଏକ ବିଚିତ୍ର ଶୈଳୀ ଥାଏ ଯେ, ସେମାନେ ଗୋଟିଏ ପଟେ ସାଧନଗୁଡ଼ିକର ଏତେ ଯତ୍ନ ନିଅନ୍ତି ଯେ, ଦେଖୁଥିବା ବ୍ୟକ୍ତିକୁ ମଧ୍ୟ ଏହି ସନ୍ଦେହ ହେବାକୁ ଲାଗେ ଯେ, ସେମାନଙ୍କ ନଜରରେ ଏହି ସାଧନଗୁଡ଼ିକର ହାତରେ ହିଁ ସମସ୍ତ ବିଧି ବିଧାନର ମାମଲା ଅଛି ଏବଂ ଯଦି ସେଗୁଡ଼ିକର ଯତ୍ନ (ବିନିଯୋଗ ନକରାଗଲା) ନିଆଗଲା ନାହିଁ ତେବେ କାମ ଚଳିବ ନାହିଁ । ଅନ୍ୟପଟେ ସେମାନ(ଅବତାରମାନ)ଙ୍କର ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ଏପରି ପୂର୍ଣ୍ଣ ତୱକ୍କୁଲ୍ ଥାଏ ଯେ, ସାଧନଗୁଡ଼ିକୁ ସେମାନେ ଏକ ମୃତ ପୋକ ପରି ମନେକରନ୍ତି । ଜଣେ ସାଧାରଣ (ପୃଷ୍ଠ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି) ଦୃଷ୍ଟି ରଖିଥିବା ମନୁଷ୍ୟ ଏହି ଅବସ୍ଥାକୁ ଦେଖି ଆଶ୍ଚର୍ଯ୍ୟରେ ପଡ଼ିଯାଏ ଓ ବିସ୍ମିତ ହୁଏ। କିନ୍ତୁ ବାସ୍ତବରେ କଥା ଏହା ହୋଇଥାଏ ଯେ, ଯେଉଁ ପରିମାଣରେ ମଧ୍ୟ ସେମାନେ ସାଧନଗୁଡ଼ିକର ଯତ୍ନ (ବିନିଯୋଗ) ନିଅନ୍ତି ତାହା ଏଥିପାଇଁ ହୋଇ ନଥାଏ ଯେ, ସାଧନଗୁଡ଼ିକର ହାତରେ କୌଣସି ଭାଗ୍ୟର ଚାବି ଅଛି । ବରଂ ଏଥିପାଇଁ ହୋଇଥାଏ ଯେ, ସାଧନଗୁଡ଼ିକ ଈଶ୍ୱରଙ୍କର ସୃଷ୍ଟି ଅଟନ୍ତି । ଈଶ୍ୱରଙ୍କର ସମ୍ମାନ ଏହା ଚାହେଁ ଯେ, ଏହା ଈଶ୍ୱରଙ୍କର ଆଦେଶ ଅଟେ ଯେ, ତାହାଙ୍କର ସୃଷ୍ଟି କରାଯାଇଥିବା ସାଧନଗୁଡ଼ିକର ଯତ୍ନନେବା ଉଚିତ୍ । ତେଣୁ ସେମାନେ (ନବୀମାନେ) ଈଶ୍ୱରଙ୍କର ଆଦେଶ ପାଳନରେ ସର୍ବୋଚ୍ଚ ସ୍ଥାନରେ ଠିଆ ହୋଇଥାଆନ୍ତି, ସେଥିପାଇଁ ସାଧନଗୁଡ଼ିକର ଯତ୍ନ ରଖିବାରେ ମଧ୍ୟ ସେମାନେ ଅନ୍ୟମାନଙ୍କଠାରୁ ଅଧିକ ଆଗରେ ନଜର ଆସନ୍ତି । କିନ୍ତୁ ପ୍ରକୃତ ଭରସା ସେମାନଙ୍କର ଈଶ୍ୱରଙ୍କ ଅସ୍ତିତ୍ୱ ବ୍ୟତୀତ ଅନ୍ୟ କୌଣସି ଜିନିଷ ଉପରେ ନଥାଏ। ବାସ୍ତବରେ ଏହା ହିଁ ସେହି ଏକେଶ୍ୱରବାଦର ବିଷୟ ଯାହା ଉପରେ ପ୍ରତିଷ୍ଠିତ କରିବା ପାଇଁ ଅବତାରମାନଙ୍କୁ ପ୍ରେରଣ କରାଯାଇଥାଏ । ଯଦି ବିଚାର କରାଯାଏ ତେବେ ଏହି ମର୍ଯ୍ୟାଦା (ସ୍ଥାନ) କୌଣସି ସହଜ ମର୍ଯ୍ୟାଦା ନୁହେଁ ବରଂ ସବୁବେଳେ ସଂଘର୍ଷ (ମୁଜାହିଦା) ଓ ଅତ୍ୟନ୍ତ ଦୃଢ଼ ବିଶ୍ୱାସ ଆବଶ୍ୟକ କରିଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସାଧାରଣତଃ ଲୋକମାନେ ସାଧନଗୁଡ଼ିକୁ ବିନିଯୋଗ କରିବା ସମୟରେ ଏହା ଭୁଲିଯାଆନ୍ତି ଯେ, ସାଧନଗୁଡ଼ିକୁ ଯେଉଁ ଶକ୍ତି ଏବଂ ପ୍ରଭାବ ପ୍ରାପ୍ତ ହୋଇଛି ସେଗୁଡ଼ିକ ସବୁ ଈଶ୍ୱରଙ୍କ ତରଫରୁ ହିଁ ପ୍ରଦାନ କରାଯାଇଛି ଏବଂ ନିଜର ଅସ୍ତିତ୍ୱରେ ସେଗୁଡ଼ିକ ଏକ ମୃତ ପୋକ (କୀଟ) ଠାରୁ ମଧ୍ୟ ଅଧିକ ମୂଲ୍ୟ ରଖନ୍ତି ନାହିଁ। ଏହି ଦୁର୍ବଳତା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ସେହି ଲୋକମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ ଯେଉଁମାନେ ଏହା ଦାବି କରନ୍ତି ଯେ, ଆମେମାନେ କେବଳ ଆନୁଷ୍ଠାନିକ ଭାବରେ ଈଶ୍ୱରଙ୍କୁ ସ୍ୱୀକାର କରୁ ନାହୁଁ ବରଂ ପ୍ରକୃତରେ ଏବଂ ସତ୍ୟତ୍ୟାତ୍ମକ ଭାବରେ ହୃଦୟର ଜ୍ଞାନ (ଚକ୍ଷୁ) ସହିତ ତାହାଙ୍କ ଉପରେ ବିଶ୍ୱାସ ଆଣି ଛୁ ।" ତୁଣ୍ଡରୁ ତ' ସେମାନେ ଏହା ହିଁ କହନ୍ତି । କିନ୍ତୁ ସେମାନଙ୍କର ଏହି ବିଶ୍ୱାସର ଅବସ୍ଥାରେ ଦୁର୍ବଳତା ରହିଥାଏ । ପ୍ରତ୍ୟେକ ବ୍ୟକ୍ତି ନିଜର ହୃଦୟ ଭିତରେ ବିଚାର କରି ଦେଖୁ...ତା'ପରେ

ଜଣାପଡ଼ିବ ଯେ, ପ୍ରକୃତରେ ପ୍ରକୃତ ବିଶ୍ୱାସ ରହିଛି ଅବା ଏହି ଦୁର୍ବଳତା ରହିଛି । ସମସ୍ୟା ସମୟରେ ଆମର ନିର୍ଭରଶୀଳତା ସାଧନଗୁଡ଼ିକ ଉପରେ ରହିଛି ନା (କିମ୍ବା) ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ? ସାଧନଗୁଡ଼ିକର ବ୍ୟବହାର ଅଲ୍ଲାଃଙ୍କ ଆଦେଶ ଅନୁଯାୟୀ ବାହ୍ୟ ପ୍ରଚେଷ୍ଟା ଅଟେ । ତେଣୁ ପ୍ରତ୍ୟେକ ମୋମିନ୍ (ବିଶ୍ୱାସକାରୀ) ପାଇଁ ଉକ୍ତ ପ୍ରସଙ୍ଗଟି ଅବଲୋକନ ଯୋଗ୍ୟ ଅଟେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲଖ କରନ୍ତି ଯେ, "କହିବାକୁ ତ' ପ୍ରତ୍ୟେକ ବିଶ୍ୱାସକାରୀଙ୍କ ହୃଦୟରେ ବିଶ୍ୱାସ ଥାଏ କିନ୍ତୁ ଖୁବ୍ ସ୍ୱଳ୍ପ ଲୋକ ଅଛନ୍ତି ଯାହାଙ୍କ ହୃଦୟ କର୍ମଗତ (ବ୍ୟବହାରିକ) ଭାବରେ ଏହି ବିଶ୍ୱାସର ଜୀବନ୍ତ ସତ୍ୟତା ଦ୍ୱାରା ଆଲୋକିତ ହୋଇଥାଏ । ପ୍ରାୟତଃ ଏହା ହୋଇଥାଏ ଯେ, କେତେକ ଲୋକ ତ' ସାଧନଗୁଡ଼ିକୁ ପରିତ୍ୟାଗ କରିଦିଅନ୍ତି ଯେ, ଯାହା ହେବାର ଅଛି ତାହା ହେବ ଏବଂ ଏହିପରି ଈଶ୍ୱରଙ୍କର ସୃଷ୍ଟି କରାଯାଇଥିବା ସାଧନଗୁଡ଼ିକର ଅବମାନନା କରି ଈଶ୍ୱରଙ୍କର କ୍ରୋଧର ଶିକାର ହୋଇ କ୍ଷତିଗ୍ରସ୍ତ ହୁଅନ୍ତି ଏବଂ କେତେକ ଲୋକ ଏହିପରି ସାଧନଗୁଡ଼ିକ ଉପରେ ପଡ଼ିଯାଆନ୍ତି ଯେପରିକି ଈଶ୍ୱର କିଛି ନୁହଁନ୍ତି । ଯାହା କିଛି ହେବାର ଅଛି ସେହି ସାଧନଗୁଡ଼ିକରୁ (ଦ୍ୱାରା) ହିଁ ହେବ। ଏହି ଉଭୟ ଗୋଷ୍ଠୀ ସତ୍‌ପଥ (ରାହେ ସୱାବ୍) ଠାରୁ ଦୂରରେ ଏବଂ ଅନ୍ଧକାରର ପରଦାରେ ଆଚ୍ଛାଦିତ ଅଛନ୍ତି (ଲୁଚି ରହିଛନ୍ତି) ଏବଂ ସତ୍ୟ ଉପରେ କେବଳ ସେହି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ଅବତାରମାନଙ୍କର ସୁନ୍ନତ୍ (ପରମ୍ପରାଗତ ଆଦର୍ଶ) ଉପରେ ପରିଚାଳିତ ହୋଇ ସାଧନଗୁଡ଼ିକ ପ୍ରତି ପୂର୍ଣ୍ଣ ଯତ୍ନବାନ ହୁଅନ୍ତି । କିନ୍ତୁ ସେମାନଙ୍କର ହୃଦୟ ଏହି ଜୀବନ୍ତ ବିଶ୍ୱାସ ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ ଯେ, ଏହି ସାଧନଗୁଡ଼ିକ ପଛରେ ଆଉ ଏକ ଶକ୍ତି ରହିଛି ଯାହାର ଇଙ୍ଗିତରେ ଏହି ସମସ୍ତ କାରଖାନା ଚାଲୁଛି ଏବଂ ଯାହାଙ୍କ ସତ୍ତା ବିନା ଏହି ସମସ୍ତ ସାଧନଗୁଡ଼ିକ ସମ୍ପୂର୍ଣ୍ଣ ମୃତ ଏବଂ ନିଷ୍ପ୍ରଭ (ପ୍ରଭାବହୀନ) ଅଟନ୍ତି । କିନ୍ତୁ ଏହି ସ୍ଥାନ ବିଶ୍ୱାସର ଏକ ବଡ଼ ସଂଘର୍ଷ ପରେ ଯାଇ ପ୍ରାପ୍ତ ହୋଇଥାଏ ଏବଂ ଏହା ଉପରେ ଅବିଚଳ ରହିବା ମଧ୍ୟ ସର୍ବଦା ସଂଘର୍ଷ ଆବଶ୍ୟକ କରିଥାଏ ।"

(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ପୃ-345-347, ବର୍ଣ୍ଣନା ସଂଖ୍ୟା-382

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଈଶ୍ୱରଙ୍କର ସାନ୍ନିଧ ପ୍ରାପ୍ତକାରୀ ଭକ୍ତମାନଙ୍କର ବିଶ୍ୱାସର ମଧ୍ୟ ଏକ ବିଚିତ୍ର ଶୈଳୀ ଥାଏ । ଗୋଟିଏ ପଟେ ସେମାନେ ସାଧନଗୁଡ଼ିକୁ ଏପରି ଭାବରେ ବିନିଯୋଗ କରନ୍ତି ଯେ, ଜଣେ ସାଂସାରିକ ବ୍ୟକ୍ତିସ ଏହା ବୁଝିବାକୁ ଲାଗେ ଯେ, ହୁଏତ ସେମାନଙ୍କର ସମସ୍ତ ଭରସା ସାଧନଗୁଡ଼ିକ ଉପରେ ହିଁ ଥାଏ । କିନ୍ତୁ ବେଳେବେଳେ ସେମାନେ ସାଧନଗୁଡ଼ିକୁ ଏପରି ଭାବରେ ପରିତ୍ୟାଗ କରିଦିଅନ୍ତି ଯେପରିକି ସେ ହି ସାଧାନଗୁଡ଼ିର ଆବଶ୍ୟକତା ହିଁ ନାହିଁ । ବିଶ୍ୱାସର ଏହି ଶୈଳୀ ମଧ୍ୟ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କର ଜୀବନୀରେ ଆମକୁ ଦେଖିବାକୁ ମିଳିଥାଏ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସୁତରାଂ ହ. ମୁସ୍‌ଲେହ୍ ମଉଦ ର.ଅ ବର୍ଣ୍ଣନା କରନ୍ତି ଯେ, "ହ. ମସିହ ମସିହ୍ ମଉଦ୍ ଅ.ସଙ୍କ ବିୟୋଗର ଦୁଇ ତିନି ବର୍ଷ ପୂର୍ବରୁ ହ. ମସିହ ମସିହ୍ ମଉଦ୍ ଅ.ସଙ୍କୁ ଭୀଷଣ କାଶ ହେଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, "ମୋତେ ସେହି ସମୟରେ 17 ବର୍ଷ ବୟସ ପାଖାପାଖି ହୋଇଥିଲା ଏବଂ ମୋ ଉପରେ ଆପଣ ଅ.ସଙ୍କୁ ଔଷଧ ଇତ୍ୟାଦି ଖୁଆଇବାର ଦାୟିତ୍ୱ ନ୍ୟସ୍ତ ଥିଲା । ସ୍ୱଭାବତାଃ ଯାହା ଉପରେ କୌଣସି ଦାୟିତ୍ୱ ନ୍ୟସ୍ତ କରାଯାଏ ତେବେ ସେହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ସେହି ବ୍ୟକ୍ତି ନିଜର ଅଧିକାର ବୋଲି ମନେ କରିବାକୁ ଲାଗିଥାଏ । କାରଣ ପ୍ରତ୍ୟେକ କାର୍ଯ୍ୟ ଯାହା ଅଛି ତାହା ମୋ ଉପରେ ନ୍ୟସ୍ତ ହୋଇଛି । ଔଷଧ ଖୁଆଇବାର ଅଛି ତେବେ ମୁଁ ବାକି ପ୍ରସଙ୍ଗଗୁଡ଼ିକରେ ମଧ୍ୟ ହସ୍ତକ୍ଷେପ କରିବି । ଆପଣ ର.ଅ କୁହନ୍ତି: "ମୁଁ ମଧ୍ୟ ନିଜର କମ୍ପାଉଣ୍ଡରୀର ଏହି ଅଧିକାର ବୋଲି ମନେ କରୁଥିଲି ଯେ, କିଛି ନା କିଛି ହସ୍ତକ୍ଷେପ ମୁଁ ଆପଣଙ୍କ ଖାଇବା ପିଇବାରେ ଦେବି । ତେଣୁ ପରାମର୍ଶ ସ୍ୱରୂପ କହି ଦେଉଥିଲି ଯେ, ପିତାଶ୍ରୀ ! ଏହା ଖାଆନ୍ତୁ ନାହିଁ, ତାହା ଖାଆନ୍ତୁ ନାହିଁ । ଔଷଧ ଖୁଆଇବାର ଡ୍ୟୁଟି ଥିଲା । କିନ୍ତୁ ବେଳେବେଳେ ଅନ୍ୟ ପ୍ରସଙ୍ଗଗୁଡ଼ିକରେ ମଧ୍ୟ ହସ୍ତକ୍ଷେପ କରୁଥିଲି ଯେ, ଏହା ଦ୍ୱାରା ରୋଗ ବୃଦ୍ଧି ପାଇଥାଏ ଓ ହ୍ରାସ ପାଇଥାଏ । ହ. ଖଲିଫତୁଲ ମସିହ୍ ଅୱାଲ୍ ର.ଅଙ୍କ ଦ୍ୱାରା ପ୍ରସ୍ତୁତ ନୁସ୍‌ଖା (ଔଷଧ ପ୍ରଣାଳୀ ବା ପଥ୍ୟ) ମଧ୍ୟ ବ୍ୟବହାର ହେଉଥିଲା । ଇଂରାଜୀ ଔଷଧଗୁଡ଼ିକ ମଧ୍ୟ ବ୍ୟବହାର ହେଉଥିଲା । କିନ୍ତୁ କାଶ ବୃଦ୍ଧି ପାଇବାରେ ହିଁ ଲାଗିଥିଲା । ଏହା 1907 ମସିହାର ଘଟଣା ଅଟେ ଏବଂ ଅବ୍‌ଦୁଲ୍ ହକିମ୍ ମୁର୍ତଦ (ଧର୍ମତ୍ୟାଗୀ) ଆପଣଙ୍କ କାଶର କଷ୍ଟ ବିଷୟରେ ପଢ଼ି ଲେଖିଥିଲା ଯେ, ମିର୍ଜା ସାହେବ ନାଉଜୁବିଲ୍ଲାଃ ଟିବି (କ୍ଷୟରୋଗ ବା ଯକ୍ଷ୍ମା) ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବେ । ଅର୍ଥାତ୍ ଫୁସ୍‌ଫୁସ୍‌ରେ ଘା' ହୋଇଯିବ, ଟିବି ରୋଗ ହୋଇଯିବ ଏବଂ ସେହିଥିରେ ହିଁ ଆପଣ ଅ.ସ ମୃତ୍ୟୁବରଣ କରିବେ । ସେଇଥିପାଇଁ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଆମକୁ ଏହା ଚିନ୍ତା ମଧ୍ୟ ଥିଲା ଯେ, ଭୁଲ୍ ବଶତଃ ମଧ୍ୟ ଏହାକୁ (ଅବ୍‌ଦୁଲ୍ ହକିମ୍ ମୁର୍ତଦ୍‌କୁ) ଖୁସିର କୌଣସି ବାହାନା ନା ମିଳିଯାଉ । ସେଥିପାଇଁ ମଧ୍ୟ ମୁଁ ବହୁତ ସାବଧାନତା ଓ ସତର୍କତା ଅବଲମ୍ବନ କରୁଥିଲି ଏବଂ ସତର୍କତାର କଥାଗୁଡ଼ିକ ଆପଣ ଅ.ସଙ୍କୁ ଜଣାଉଥିଲି । କିନ୍ତୁ ଆପଣ ଅ.ସଙ୍କୁ କାଶର କଷ୍ଟ ବହୁତ ଅଧିକ ଥିଲା। ବେଳେବେଳେ ଏପରି ଲମ୍ବା କାଶର ଝଟକା ଆସୁଥିଲା ଯେ, ଜଣାପଡୁଥିଲା ଯେ, ନିଶ୍ୱାସ ଅଟକିଯିବ (ଶ୍ୱାସରୁଦ୍ଧ) ହୋଇଯିବ । ଏପରି ଅବସ୍ଥାରେ ବାହାରୁ ଜଣେ ବନ୍ଧୁ ଆସିଲେ। ହ. ମସିହ ମଉଦ୍ ଅ.ସଙ୍କର ରୋଗ ଯନ୍ତ୍ରଣାର ଏହି ଅବସ୍ଥା ଥିଲା । ଯେତେବେଳେ ଏପରି ଅବସ୍ଥା ଥିଲା ସେତେବେଳେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଅବସ୍ଥା ସଂପର୍କରେ ଉଲ୍ଲେଖ କରନ୍ତି ଯେ, ସେଠାରେ ମୋ ସାମ୍ନାରେ ହିଁ ଜଣେ ବନ୍ଧୁ ବାହାରୁ ଆସିଲେ ଏବଂ ଉପହାର ସ୍ୱରୂପ ସେ ଫଳ ଆଣିଥିଲେ । ଆପଣ ଅ.ସଙ୍କ ପାଇଁ ସେ ଫଳ ନେଇ ଆସିଥିଲେ । ତେଣୁ ସେ କୁହନ୍ତି, ମୁଁ ସେହି ଫଳଗୁଡ଼ିକୁ ହୁଜୁର୍ ଅ.ସଙ୍କ ସାମ୍ନାରେ ଉପସ୍ଥାପନ କରିଦେଲି ଯେ, ପିତାଶ୍ରୀ ! ଜଣେ ବନ୍ଧୁ ଏହି ଫଳ ଆଣିଛନ୍ତି ।" ଆପଣ ଅ.ସ ସେଗୁଡ଼ିକୁ ଦେଖିଲେ ଏବଂ କହିଲେ, ତାଙ୍କୁ ଯଜାକାଲ୍ଲାଃ କହିଦିଅ । ପୁନଶ୍ଚ ସେହି ଫଳଗୁଡ଼ିକ ମଧ୍ୟରୁ କୌଣସି ଫଳ ସମ୍ଭବତଃ କଦଳୀ ଥିଲା ତାହା ଆପଣ ଅ.ସ ଉଠାଇଲେ। ମୁଁ ଯେହେତୁ ଔଷଧ ଇତ୍ୟାଦି ଖୁଆଉଥିଲି ସେଇଥିପାଇଁ ଆପଣ ଅ.ସ ମୋତେ ଶିକ୍ଷା ଦେବା ପାଇଁ କହିଲେ ଯେ, ମିଆଁ ! କାଶରେ କଦଳୀ ଖାଇଲେ କିପରି ହେବ ? ଆପଣ ଅ.ସ ଖାଇବା ପାଇଁ ଗୋଟିଏ କଦଳୀ ଉଠାଇଲେ ଏବଂ ମୋତେ ପଚାରିଲେ ଯେ, ପୁତ୍ର ! କାଶର କଷ୍ଟ ଅଛି ତେବେ କାଶରେ କଦଳୀ ଖାଇବା କିପରି ହୋଇଥାଏ ? ମୁଁ କହିଲି, ପିତାଶ୍ରୀ ! କାଶରେ କଦଳୀ ସେବନ କରିବା (ଖାଇବା) ଭଲ ତ' ନୁହେଁ କିନ୍ତୁ । ଆପଣ ଅ.ସ ହସିଦେଲେ । କୌଣସି ଉତ୍ତର ଦେଲେ ନାହିଁ କେବଳ ହସିଲେ ଏବଂ କଦଳୀ ଖାଇବାକୁ ଲାଗିଲେ (ଅର୍ଥାତ୍ କଦଳୀ ଛେଲି ଖାଇବାକୁ ଲାଗିଲେ)। ମୁଁ ପୁଣି କହିଲି, ପିତଶ୍ରୀ ! କାଶ ବହୁତ ଭୀଷଣ ହେଉଛି ଏବଂ କାଶରେ ଏହି ଜିନିଷ (କଦଳୀ) ସେବନ କରିବା ଭଲ ନୁହେଁ (ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଅଟେ) । ଆପଣ ଅ.ସ ପୁଣି ହସିଲେ ଏବଂ କଦଳୀ ଖାଉଥିଲେ । ମୁଁ ନିଜର ଅଜ୍ଞତାବଶତଃ ପୁଣି ଜିଦ୍ କଲି ଯେ, ପିତାଶ୍ରୀ ! କାଶରେ କଦଳୀ ଖାଇବା ଉଚିତ୍ ନୁହେଁ । ପ୍ରତ୍ୟୁତ୍ତରରେ ଆପଣ ଅ.ସ ପୁଣି ହସିଲେ ଏବଂ କହିଲେ, ମୋତେ ବର୍ତ୍ତମାନ ଇଲ୍‌ହାମ୍ (ଐଶୀବାଣୀ) ହୋଇଛି ଯେ, କାଶ ଦୂର ହୋଇଯାଇଛି । ତେଣୁ କାଶ ସେହି ସମୟରୁ ହିଁ ଚାଲିଗଲା । ଅର୍ଥାତ୍ ସେହି ସମୟରେ ନା କୌଣସି ଔଷଧ ବ୍ୟବହାର ହୋଇଥିଲା ଏବଂ ନା କୌଣସି ଜିନିଷ ସେବନ କରିବାକୁ ନିୟମ ପାଳନ କଲେ ନାହିଁ ଓ କାଶ ମଧ୍ୟ ଦୂର ହୋଇଗଲା । ଯଦିଓ ଏହା ପୂର୍ବରୁ ମଧ୍ୟ ଗୋଟିଏ ମାସ ଧରି ଚିକିତ୍ସା ଚାଲିଥିଲା ଏବଂ କାଶ ଦୂର ହୋଇ ନଥିଲା ତେବେ ଏହା ହେଉଛି ଦିବ୍ୟ ହସ୍ତକ୍ଷେପ (ଇଲାହୀ ତସରରୁଫ୍)। ଏହିପରି ତ' ଅପଥ୍ୟ ଦ୍ୱାରା ରୋଗଗୁଡ଼ିକ ମଧ୍ୟ ହୋଇଥାଏ ଏବଂ ଚିକିତ୍ସା ଦ୍ୱାରା ଆରୋଗ୍ୟ ମଧ୍ୟ ମିଳିଥାଏ । କିନ୍ତୁ ଯେତେବେଳେ ଅଲ୍ଲାଃତାଲା ଚାହାଁନ୍ତି ସେତେବେଳେ ହସ୍ତକ୍ଷେପ ମଧ୍ୟ ଦେଇ ଦିଅନ୍ତି ଏବଂ ପ୍ରାର୍ଥନାର ଅସ୍ତ୍ର ଏଥିପାଇଁ ହିଁ ଅଲ୍ଲାଃତାଲା ମନୁଷ୍ୟକୁ ଶିଖାଇଛନ୍ତି ଯେ, ସେ ଅଲ୍ଲାଃତାଲାଙ୍କ ଦରବାରକୁ ଯାଇ କହୁ ଯେ ମୁଁ ସ୍ୱାଧୀନତା ଚାହେଁ ନାହିଁ । ମୁଁ ନିଜର ଅବସ୍ଥାଗୁଡ଼ିକରୁ ଅତିଷ୍ଠ ହୋଇଯାଇଛି । ଆପଣ ଦୟାକରି ମୋର ପ୍ରସଙ୍ଗଗୁଡ଼ିକରେ ହସ୍ତକ୍ଷେପ କରନ୍ତୁ । ଅଲ୍ଲାଃତାଲା ମଧ୍ୟ ଦେଖନ୍ତି ଯେ ଭକ୍ତ ଭରସାକାରୀ ହୋଇଯାଇଛି ଏବଂ ଚାହୁଁଛି ଯେ, ମୁଁ ତା'ର ପ୍ରସଙ୍ଗଗୁଡ଼ିକରେ ହସ୍ତକ୍ଷେପ କରେ ତେବେ ସେ ହସ୍ତକ୍ଷେପ କରି ଦିଅନ୍ତି ।

(ଖୁତ୍‌ବାତେ ମହ୍‌ମୁଦ୍, ଗ୍ରନ୍ଥଖଣ୍ଡ-23, ପୃ-273-275)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଯେତେବେଳେ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରାଯାଇଥାଏ ସେତେବେଳେ ଏପରି ହୋଇଥାଏ । ତତ୍‌ସଂପର୍କିତ ଅତିରିକ୍ତ ପ୍ରାମାଣ୍ୟ ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ କେତେକ ମହାନ ବ୍ୟକ୍ତିମାନଙ୍କ ବିୟୋଗର ଉଲ୍ଲେଖ କରିବି । ଏହି ମତୃକମାନଙ୍କର ଯନାଜାଃ ମୁଁ ନମାଜ୍ ପରେ ପାଠ କରାଇବି । ଅତଏବ୍ ପ୍ରଥମ ମୃତକ ହେଉଛନ୍ତି ଶ୍ରୀଯୁକ୍ତ ସ୍ୱର୍ଗତ ମୁହମ୍ମଦ ଅତାଉର୍ ରହମାନ ସାହେବ । ସ୍ୱର୍ଗତ ମହୋଦୟ ଭାରତର ପଶ୍ଚିମବଙ୍ଗ ରାଜ୍ୟର ଭରତପୁର ଜିଲ୍ଲାର ନିବାସୀ ଥିଲେ । ଗତ ଦିନରେ 76 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲ୍ଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କର କୃପାରୁ ସ୍ୱର୍ଗତ ମୁସି (ଓସିୟତ୍‌କାରୀ ବ୍ୟକ୍ତି) ଥିଲେ । ପରିବାରବର୍ଗଙ୍କ ମଧ୍ୟରେ ସ୍ତ୍ରୀଙ୍କ ବ୍ୟତୀତ ଜଣେ କନ୍ୟା ଏବଂ ତିନିଜଣ ପୁତ୍ର ସନ୍ତାନ ସାମିଲ ଅଛନ୍ତି । ତାଙ୍କର ଜଣେ ପୁତ୍ର ମୁଫୀଜୁର୍ ରହମାନ ସାହେବ ବୋସ୍ନିଆର ମୁବଲ୍ଲିଗ୍ ସିଲସିଲା ଅଟନ୍ତି । ସେହିପରି ଜଣେ ପୁତ୍ର ଶାହ ନୁର୍ ରହମାନ ସାହେବ ଇଣ୍ଡିଆରେ ମୁଅଲ୍ଲିମ୍ (ଶିକ୍ଷକ) ଅଟନ୍ତି । ସେହିପରି ତାଙ୍କର ଜଣେ ଜ୍ୱାଇଁ ସାବିର୍ ଅଲୀ ସାହେବ ମଧ୍ୟ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି। ୱାକ୍‌ଫିନେ ଜିନ୍ଦେଗୀ (ଉତ୍ସର୍ଗୀକୃତ ଜୀବନ)ର ଏହି ପରିବାର ବୋଲି ବୁଝି ନିଅନ୍ତୁ । ସ୍ୱର୍ଗତଙ୍କ ପୁତ୍ର ମୁଫୀଜୁର୍ ରହମାନ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅର୍ଥାତ୍ କର୍ମକ୍ଷେତ୍ରରେ ଥିବା ଯୋଗୁଁ ନିଜ ପିତାଶ୍ରୀଙ୍କ ଯନାଜାଃ (ଅନ୍ତିମ ସଂସ୍କାର) ଏବଂ ଶେଷକୃତ୍ୟରେ ସାମିଲ୍ ହୋଇପାରିଲେ ନାହିଁ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ପରିବାରରେ ଅହମଦିୟତ୍ ହ. ଖଲିଫତୁଲ ମସିହ୍ ଅୱଲ୍ ର.ଅଙ୍କର ଖିଲାଫତ୍ କାଳରେ ଆସିଥିଲା। ଯେତେବେଳେ ଆପଣଙ୍କ ଦଦା (ଜେଜେବାପା) ମୁହମ୍ମଦ କାସିଦ୍ ସାହେବ ବୈଅତ୍ (ଦୀକ୍ଷା ଗ୍ରହଣ) କରି ସିଲ୍‌ସିଲା ଅହମଦିୟା (ଜମାଅତ୍)ରେ ସାମିଲ ହେଲେ । ନିଜର ଅଞ୍ଚଳର ଜଣେ ପ୍ରଭାବଶାଳୀ ଏବଂ ସମ୍ପନ୍ନ ବ୍ୟକ୍ତି ଥିଲେ । କିନ୍ତୁ ଅହମଦିୟତ୍ ଗ୍ରହଣ କରିବା ପରେ ସେ ଧର୍ମ ପାଇଁ ନିଜର ସାମାଜିକ ପ୍ରତିଷ୍ଠା ଏବଂ ପୁରୁଣା ସମ୍ପର୍କଗୁଡ଼ିକୁ ମଧ୍ୟ ତ୍ୟାଗ କରିଦେଲେଲେ । ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କର ଏକ ଜାମେ ମସଜିଦ୍ (ବଡ଼ ମସ୍‌ଜିଦ୍) ଥିଲା ତାହାକୁ ସେ ଅଣଅହମଦିମାନଙ୍କୁ ସମର୍ପଣ କରିଦେଲେ ଏବଂ ଅଲ୍‌ଗା ମସ୍‌ଜିଦ୍ ନିର୍ମାଣ କରାଇଲେ ଯାହା ପଶ୍ଚିମ ବଙ୍ଗଳାର ପ୍ରଥମ ଅହମଦିୟା ମସ୍‌ଜିଦ୍ "ବୈତୁଲ୍ ଅୱଲ୍" ନାମରେ ପରିଚିତ ଅଟେ । ଅହମଦିୟତ୍ ଗ୍ରହଣ କରିବା ପରେ ତାଙ୍କ ପରିବାରକୁ ଘୋର ବିରୋଧର ସମ୍ମୁଖୀନ ମଧ୍ୟ ହେବାକୁ ପଡ଼ିଥିଲା । ସ୍ୱର୍ଗତ ନିଜେ ବର୍ଣ୍ଣନା କରନ୍ତି, ଯେ ଆଖପାଖର ଲୋକମାନଙ୍କୁ ଆମ ପରିବାର ହାତକୁ ଦୈନନ୍ଦିନ ଆବଶ୍ୟକୀୟ ଜିନିଷ ବିକ୍ରି କରିବାକୁ ମଧ୍ୟ ବାରଣ କରିଦିଆଗଲା । ମୁଫୀଜୁର୍ ରହମାନ ସାହେବଙ୍କ ପିତା ଯିଏ ମୃତ୍ୟୁବରଣ କରିସାରିଛନ୍ତି ସେ ଉଲ୍ଲେଖ କରିଛନ୍ତି ଯେ, ଏତେ

ବିରୋଧ ହେଲା ଯେ, ଲୋକମାନଙ୍କୁ ଆମ ସହିତ କ୍ରୟ ବିକ୍ରୟ କରିବାକୁ ମଧ୍ୟ ବାରଣ କରିଦିଆଗଲା । ବିଭିନ୍ନ ମାଧ୍ୟମ ଦ୍ୱାରା ଅହମଦିମାନଙ୍କୁ କଷ୍ଟ ଦିଆଯାଉଥିଲା । ବାଧ ହୋଇ ଆବଶ୍ୟକୀୟ ସାମଗ୍ରୀ ପ୍ରାପ୍ତ କରିବା ପାଇଁ ଡଙ୍ଗା ସାହାଯ୍ୟରେ ନଦୀର ପ୍ରାୟ ଚାଳିଶ ପଚାଶ କିଲୋମିଟର ଦୂରତା ଅତିକ୍ରମ କରିବାକୁ ପଡୁଥିଲା ଏବଂ ସେଠାରୁ ଯାଇ ସଉଦା (ଜିନିଷ) ଆଣୁଥିଲେ । ଏହି ଅଗ୍ନି ପରୀକ୍ଷା ସତ୍ତ୍ୱେ ଅଲ୍ଲାଃତାଲା ଆମ ପରିବାରକୁ ବିଶ୍ୱାସ ଉପରେ ଦୃଢ଼ (ଅବିଚଳ) ରଖିଲେ ।

ଆପଣ ଏକ ରାଜନୈତିକ ଦଳରେ ମଧ୍ୟ ସାମିଲ ଥିଲେ । ଶେଷରେ ତାଙ୍କୁ ଯେତେବେଳେ ଚିନ୍ତା ଆସିଲା ସେତେବେଳେ ଏହି ପାର୍ଥିବ କାର୍ଯ୍ୟକଳାପଗୁଡ଼ିକୁ ପରିତ୍ୟାଗ କରି ଧର୍ମ ସେବା ପାଇଁ ସେ କାଦିୟାନ୍ ଚାଲିଆସିଲେ ଯେଉଁଠାରେ କିଛି ବର୍ଷ ଶିକ୍ଷା ଏବଂ ସଂସ୍କାର ପ୍ରାପ୍ତ କଲେ ଏବଂ ମସ୍‌ଜିଦ ମୁବାରକରେ ଅନେକ ମାସ ସେବା କରିବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହେଲା । ଦାରୁଲ ମସିହ୍ ଏବଂ ମସ୍‌ଜିଦେ ମୁବାରକ୍‌ର ସେବା ସମୟରେ ଆପଣ କେତେକ କଲ୍ୟାଣପୂର୍ଣ୍ଣ ସ୍ୱପ୍ନ ମଧ୍ୟ ଦେଖିଥିଲେ । କାଦିୟାନ୍‌ର ଦିନଗୁଡ଼ିକରୁ ହିଁ ପବିତ୍ର କୁରଆନ୍ କରୀମ୍ ସହିତ ଗଭୀର ପ୍ରେମ, ଆନ୍ତରୀକତା, ଉପାସନାରେ ବିନମ୍ରତା, ବିନୀତତା ଏବଂ ଭକ୍ତି, ତହଜ୍ଜୁଦ୍ ନମାଜ୍‌ର ନିୟମାନୁବର୍ତ୍ତୀ ଏବଂ ପ୍ରାର୍ଥନାର ଅଭ୍ୟାସ ଆପଣଙ୍କ ଜୀବନର ଏକ ସ୍ଥାୟୀ ଅଂଶ ହୋଇଗଲା ଯାହା ଉପରେ ସ୍ୱର୍ଗତ ମହୋଦୟ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାର୍ଯ୍ୟାନୁସରଣ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ପ୍ରତ୍ୟେକ ଜମାଅତୀୟ କାର୍ଯ୍ୟକୁ ବିଶ୍ୱାସ, ପ୍ରାର୍ଥନା ଏବଂ ପୂର୍ଣ୍ଣ ତତ୍ପରତାର ସହିତ ସମ୍ପାଦନ କରୁଥିଲେ । ଯାତ୍ରା, ପାଗ କିମ୍ବା ଅନ୍ୟାନ୍ୟ ସମସ୍ୟାକୁ ଖାତିର୍ କରୁ ନଥିଲେ । ଅଲ୍ଲାଃତାଲା ଆପଣଙ୍କ ପ୍ରଚାର (ତବ୍‌ଲିଗ) ରେ ଅସାଧାରଣ କଲ୍ୟାଣ ପ୍ରଦାନ କଲେ । ଆପଣଙ୍କ ପ୍ରଚେଷ୍ଟାରୁ ଅନେକ ଜମାଅତ୍ ପ୍ରତିଷ୍ଠିତ ହେଲା । ଅନେକ ଯୁବକମାନେ ନିଜ ଜୀବନକୁ ଉତ୍ସର୍ଗ କଲେ । ବେଳେବେଳେ ନିଜସ୍ୱ ଖର୍ଚ୍ଚରେ ଟିକେଟ୍ ଏବଂ ସେମାନଙ୍କ ପରିବାରବର୍ଗଙ୍କ ଆବଶ୍ୟକତାର ମଧ୍ୟ ଧ୍ୟାନ ରଖୁଥିଲେ । ଆପଣଙ୍କ ଦ୍ୱାରା ପ୍ରଶିକ୍ଷିତ ଅନେକ ଲୋକ ଆଜି ମଧ୍ୟ ଜମାଅତ୍‌ର ସେବାରେ ବ୍ୟସ୍ତ ଅଛନ୍ତି । ତବ୍‌ଲିଗୀ (ପ୍ରଚାରିକ) ଗସ୍ତଗୁଡ଼ିକରେ ଜମାଅତ୍ ପକ୍ଷରୁ ଯାହା ମଧ୍ୟ ଗୁଜରାଣ କିମ୍ବା ଯାତ୍ରା ପାଇଁ ଅର୍ଥ ମିଳୁଥିଲା ତାହାକୁ ନିଜର ବ୍ୟକ୍ତିଗତ ଖର୍ଚ୍ଚ କମ କରି ଅର୍ଥ ସଞ୍ଚୟ କରୁଥିଲେ ଏବଂ ସେହି ଅର୍ଥରୁ ସେ ଅଭାବି, ଦରିଦ୍ର ତବ୍‌ଲିଗ୍ ଅଧୀନ ବ୍ୟକ୍ତିମାନଙ୍କୁ କିମ୍ବା ନବଦୀକ୍ଷିତ ଅହମଦି ପରିବାରଗୁଡ଼ିକ ଉପରେ ଅର୍ଥ ମଧ୍ୟ ବ୍ୟୟ କରୁଥିଲେ । ଆପଣଙ୍କୁ ଦୂରଦୂରାନ୍ତର ଯାତ୍ରାଗୁଡ଼ିକରେ ଅନେକ ରାତି ବାହାରେ କାଟିବାକୁ ପଡୁଥିଲା । ସେଥିପାଇଁ ସେ ବେଳେବେଳେ ପାନ୍ଥଶାଳା କିମ୍ବା ହୋଟେଲମାନଙ୍କରେ ରହିବା ପରିବର୍ତ୍ତେ ପଇସା ବଞ୍ଚାଇବା ପାଇଁ ଷ୍ଟେସନ କିମ୍ବା ବସ୍ ଷ୍ଟାଣ୍ଡର ବେଞ୍ଚ୍‌ରେ ହିଁ ରାତି କାଟି ଦେଉଥିଲେ ଏବଂ ଏହିପରି ବଞ୍ଚୁଥିବା ଅର୍ଥକୁ ସେ ଅଭାବି ଓ ଆବଶ୍ୟକ କରୁଥିବା ଲୋକମାନଙ୍କ ମଧ୍ୟରେ ଖର୍ଚ୍ଚ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ ମସିହ୍ ରାବେ (ଚତୁର୍ଥ ଖଲିଫା) ରହିମହୁଲ୍ଲାଃହୁ ତଆଲା ନିଜର ଏକ ପତ୍ରରେ ଆପଣଙ୍କ ପ୍ରଚାର ସେବାଗୁଡ଼ିକ ସଂପର୍କରେ ଉଲ୍ଲେଖ କରି କହିଲେ, "ଆପଣ ତ' ମାଶାଅଲ୍ଲା ବଡ଼ ତତ୍ପରତା, ଧ୍ୟାନ, ବୁଦ୍ଧିମତ୍ତା ଏବଂ ସୁନ୍ଦର ଶୈଳୀରେ ଏହି ସତ୍‌କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ଏବଂ ଜମାଅତ୍ ଅହମଦିୟାର ଦାୱତେ ଇଲଲ୍ଲାଃ (ଈଶ୍ୱରଙ୍କ ଆହ୍ୱାନ)ର ଇତିହାସରେ ସୁବର୍ଣ୍ଣ ଅଧ୍ୟୟନଗୁଡ଼ିକ ଯୋଡୁଛନ୍ତି। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣଙ୍କୁ ଜମାଅତ୍ ଏବଂ ହ. ମସିହ ମସିହ୍ ମଉଦ୍ ଅ.ସଙ୍କ ସମ୍ମାନ ପ୍ରତି ଅଧିକ ଯତ୍ନବାନ୍ ଥିଲେ । ଥରେ କୌଣସି ତବ୍‌ଲିଗୀ ଗସ୍ତରେ ଜଣେ ବ୍ୟକ୍ତିଙ୍କ ସହିତ ଆଲୋଚନା ହେଲା ତେବେ ପରିଚୟ ସମୟରେ ଜଣାପଡ଼ିଲା ଯେ, ତାଙ୍କ ପରିବାର ଉପରେ ଆପଣଙ୍କ ସ୍ୱର୍ଗତ ଦଦାଙ୍କର କୌଣସି ବିଶେଷ ଉପକାର ଥିଲା । ସେହି ବ୍ୟକ୍ତି ଆପଣଙ୍କୁ ନିଜ ଘରକୁ ଆମନ୍ତ୍ରଣ କଲେ ଏବଂ ଏକ ସୁସ୍ୱାଦୁ ଭୋଜନର ଆୟୋଜନ କଲେ । ଆଲୋଚନାରେ ପୁରୁଣା ପାରିବାରିକ ସମ୍ପର୍କ ଏବଂ ଉପକାରଗୁଡ଼ିକର ମଧ୍ୟ ଚର୍ଚ୍ଚା ହେଉଥିଲା । ଆପଣ ବର୍ଣ୍ଣନା କରନ୍ତି ଯେ, ଏପର୍ଯ୍ୟନ୍ତ ଆପଣ ପ୍ରଥମ ଲୋକ୍‌ମା (ଖାଦ୍ୟ ଗୁଳା) ହିଁ ନେଇଥିଲେ କି ଆତିଥେୟ ହ. ମସିହ ମସିହ୍ ମଉଦ୍ ଅ.ସଙ୍କର ଉଲ୍ଲେଖ ଏକ ବ୍ୟଙ୍ଗାତ୍ମକ ଶୈଳୀରେ କଲେ । ପ୍ରତ୍ୟୁତ୍ତରରେ ଆପଣ ସେହି ଲୋକ୍‌ମା କାଢ଼ି ରଖିଦେଲେ ଏବଂ କାହାର ପରୱା ନ କରି ତତ୍‌କ୍ଷଣାତ୍ ସେଠାରୁ ଉଠି ଚାଲି ଆସିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, 1991 ମସିହାରେ ହ. ଖଲିଫତୁଲ୍ ମସିହ୍ ରାବେ ରହିମହୁଲ୍ଲାଃହୁ ତଆଲାଙ୍କ କାଦିୟାନ୍ ଆଗମନ ଅବସରରେ ଆପଣ ନିଜ ପରିବାର ସହିତ ଜଲ୍‌ସାରେ ସାମିଲ ହେଲେ ଏବଂ ସେହି ସମୟରେ ସେଠାରେ ଆପଣ ହ. ଖଲିଫତୁଲ୍ ମସିହ ରାବେ ର.ଅଙ୍କ ସେବାରେ ନିଜର ପୈତୃକ ଜମିର ଏକ ଅଂଶ ଜମାଅତୀୟ ଉଦ୍ଦେଶ୍ୟ ପାଇଁ ମଧ୍ୟ ଉପସ୍ଥାପନ କଲେ ଯେଉଁଠାରେ ଆଜି ମୁରବୀ ହାଉସ୍ (ମୁବଲ୍ଲିଗ୍ କ୍ୱାର୍ଟର) ସ୍ଥାପିତ ହୋଇଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଯେତେବେଳେ ଆମେ ତାଙ୍କୁ ଭେଟିବା ପରେ ନିଜ କାମ ପାଇଁ ଫେରୁଥିଲୁ। ସେତେବେଳେ ସ୍ୱର୍ଗତ ମହୋଦୟ ଏଠାରେ ବାହାରକୁ ଆସୁଥିଲେ ଏବଂ ସବୁବେଳେ ମୋତେ କହୁଥିଲେ ଯେ, ମୁଁ ତୁମମାନଙ୍କୁ ଅଲ୍ଲାଃଙ୍କ ମାର୍ଗରେ କୁର୍ବାନୀ (ବଳିଦାନ ତଥା ତ୍ୟାଗ) କରିଦେଇଛି । ତୁମେ ମୋର ଚିନ୍ତା କର ନାହିଁ । କେବଳ ନିଜ କାମ ଏବଂ ସେବା ଉପରେ ଧ୍ୟାନ ଦିଅ। ସେ କୁହନ୍ତି ଯେ, ବୋସ୍ନିଆ ଆସିବା ପରେ ଅଧିକାଂଶ ସମୟ ମୋତେ ଫୋନ୍ କରି କହୁଥିଲେ ଯେ, ମୁଁ ତୁମ ପାଇଁ ପ୍ରାର୍ଥନା କରୁଛି । ପରିଶ୍ରମର ସହିତ ନିଜ କାମ ସମ୍ପାଦନ କର ଏବଂ ଅଲ୍ଲାଃତାଲାଙ୍କ ପକ୍ଷରୁ ଯେଉଁ ସେବା ତୁମ ଉପରେ ନ୍ୟସ୍ତ ହୋଇଛି ତାହାକୁ ସମ୍ପାଦନ କରିବା ନିମନ୍ତେ ଚେଷ୍ଟା କର । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ମୁଁ ପିତାଶ୍ରୀଙ୍କୁ ତୱକ୍କୁଲ୍ ଅଲଲ୍ଲାଃ (ଈଶ୍ୱରଙ୍କ ଉପରେ ଅଗାଧ ଭରସା ଓ ବିଶ୍ୱାସ), ହ. ରସୁଲ୍ ଅକ୍ରମ ସ.ଅ ଏବଂ ଆପଣ ସ.ଅଙ୍କର ପ୍ରକୃତ ତଥା ସତ୍ୟବାଦୀ ପ୍ରେମୀ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ମିଶନ ପାଇଁ ପ୍ରତ୍ୟେକ ପ୍ରକାରର ତ୍ୟାଗକାରୀ, ଖିଲାଫତ୍‌ର ପ୍ରତ୍ୟେକ ଆଦେଶକୁ ପ୍ରକୃତ ଅର୍ଥରେ ଈଶ୍ୱରଙ୍କ ଆଦେଶ ମନେକରି ସମ୍ପଦାନ କରିବା ନିମନ୍ତେ ଉଦ୍ୟମକାରୀ, ସଠିକ୍ ଅର୍ଥରେ ଧର୍ମକୁ ସଂସାର ତୁଳନାରେ ଅଗ୍ରାଧିକାର ଦେଇ ଜୀବନ ଅତିବାହିତ କରୁଥିବା, ସ୍ୱଚ୍ଛ ତଥା ନିର୍ମଳ ହୃଦୟ, ରକ୍ତ ସମ୍ପର୍କଗୁଡ଼ିକର ଯଥାସାଧ୍ୟ ଯତ୍ନ ନେଉଥିବା, ଅତିଥି ସତ୍କାରକ ଏବଂ ଆପଣା ପର ପ୍ରତ୍ୟେକଙ୍କୁ ସହାୟତା କରୁଥିବା ବ୍ୟକ୍ତି, ଜମାଅତ୍ ଅହମଦିୟାର ପ୍ରତ୍ୟେକ ବ୍ୟକ୍ତି ସହିତ ଆନ୍ତରିକ ପ୍ରେମ କରୁଥିବା, ବୁଦ୍ଧିମାନ ଏବଂ ପ୍ରାର୍ଥନାକାରୀ ମନୁଷ୍ୟ ଭାବରେ ପାଇଛି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତଙ୍କ ପ୍ରତି କୃପାପୂର୍ଣ୍ଣ ବ୍ୟବହାର କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ଇଣ୍ଡୋନେସିଆର ଶ୍ରୀମତି ଖଦିଜା ସିଦ୍ଦିକା ପୋଣ୍ଟୁ ସାହିବାଙ୍କର । ତାଙ୍କର ମଧ୍ୟ କିଛି ଦିନ ତଳେ 81 ବର୍ଷ ବୟସରେ ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ମୁସୀୟା ଥିଲେ । ଅଲ୍ଲାଃତାଲା ତାଙ୍କୁ ପାଞ୍ଚଜଣ ସନ୍ତାନ ଅର୍ଥାତ୍ ତିନିଜଣ ପୁତ୍ର ସନ୍ତାନ ଏବଂ ଦୁଇଜଣ କନ୍ୟା ସନ୍ତାନ ପ୍ରଦାନ କରିଥିଲେ । ସ୍ୱର୍ଗତା ତିନିଥର ଜାତୀୟ ଲଜ୍‌ନା ଇମାଇଲ୍ଲାଃ ଇଣ୍ଡୋନେସିଆର ସଭାପତି ଭାବରେ ସେବା କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ଆପଣ ସ୍ୱଳ୍ପ ବୟସରୁ ଆରମ୍ଭ କରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପୂର୍ଣ୍ଣ ହୃଦୟ ଏବଂ ପ୍ରାଣର ସହିତ ଜମାଅତ୍‌ର ସେବା କଲେ । ଖିଲାଫତ୍ ସହିତ ଗଭୀର ପ୍ରେମ ଓ ଆନ୍ତରୀକତାପୂର୍ଣ୍ଣ ସଂପର୍କ ଥିଲା । ନିଜର ନିଷ୍ଠା, ସଚ୍ଚୋଟତା, ବିନମ୍ରତା ଏବଂ ବିଶ୍ୱାସ୍ତତା ପାଇଁ ସେ ଜଣାଶୁଣା ଥିଲେ । ଜମାଅତ୍‌ର ସେବାରେ ଆପଣଙ୍କ ଉତ୍ସାହ ଏବଂ ମନୋଭାବ କେବେ ମଳିନ ପଡ଼ିଲା ନାହିଁ । ଆପଣଙ୍କ ଲାଳନ ପାଳନ ମଧ୍ୟ ଏପରି ଏକ ପରିବାରରେ ହୋଇଥିଲା ଯେଉଁ ପରିବାର ସେବା ମନୋଭାବ ଦ୍ୱାରା ପରିପୂର୍ଣ୍ଣ ଥିଲା । ଆପଣଙ୍କ ପିତାଶ୍ରୀ ସଦ୍‌ରୁଦ୍ଦୀନ୍ ୟହ୍ୟା ପୋଣ୍ଟୁ ସାହେବ ପୁଣ୍ୟବାନ୍, ସାଧୁ ଓ ସେବାକାରୀ ବ୍ୟକ୍ତି ଥିଲେ । ଇଣ୍ଡୋନେସିଆର ରାଜଦୂତ ହେବା ସହିତ ଆପଣ ସାଂସାରିକ କାମ ସମ୍ପଦାନ କରୁଥିଲେ । କିନ୍ତୁ ଆପଣ ଧର୍ମକୁ ସାଂସାରିକତା ଉପରେ ଅଗ୍ରାଧିକାର ପ୍ରଦାନ କଲେ । ଜମାଅତ୍‌ର ଅତିଥିମାନଙ୍କ ସେବାରେ ସ୍ୱର୍ଗତା ସର୍ବଦା ଆଗରେ ରହୁଥିଲେ । ହ. ଖଲିଫତୁଲ ମସିହ ରାବେ ର.ଅଙ୍କର ଯେତେବେଳେ ଇଣ୍ଡୋନେସିଆ ଗସ୍ତ ହେଲା ସେତେବେଳେ ତାଙ୍କୁ ସମ୍ପୂର୍ଣ୍ଣ କାଫିଲା (ଯାତ୍ରୀ ଦଳ)ର ସେବା କରିବାର ସୁଯୋଗ ମିଳିଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେଠାରେ ଲଜ୍‌ନାର ଶରିଫୁନ୍ ନିସା ହାଜିୟା ସାହେବା ନାମକ ଜଣେ ପୂର୍ବତନ ସଭାପତି ଅଛନ୍ତି । ସେ ମଧ୍ୟ ଏହି କଥା କହୁଛନ୍ତି ଯେ, ଖିଲାଫତ୍ ସହିତ ସ୍ୱର୍ଗତାଙ୍କର ବହୁତ ଗଭୀର ଆନ୍ତରୀକତା ଏବଂ ପ୍ରେମପୂର୍ଣ୍ଣ ସଂପର୍କ ଥିଲା । ସ୍ୱର୍ଗତା ସର୍ବଦା ଖିଲାଫତ୍‌ର ପୂର୍ଣ୍ଣ ଅନୁଗତ୍ୟଭାବ ପ୍ରକାଶ କରୁଥିଲେ ଏବଂ ଖିଲାଫତ୍ ପ୍ରତି ସେ ବେଶ୍ ସମ୍ମାନ ପ୍ରଦର୍ଶ କରୁଥିଲେ । ବିନମ୍ର, ବିନୀତ, ଭଦ୍ର, ମେଳାପୀ ପ୍ରିୟ ଓ ସମସ୍ତଙ୍କ ସହିତ ସମାନ ବ୍ୟବହାର ପ୍ରଦର୍ଶ କରୁଥିଲେ । ଯେତେବେଳେ ଆପଣ ଦେଖୁଥିଲେ ଯେ, ଜମାଅତ୍‌ର ସଦସ୍ୟମାନେ ବିଶେଷକରି ଲଜ୍‌ନାର ସଦସ୍ୟାମାନେ କଥାବାର୍ତ୍ତାରେ ବହୁତ ଅଧିକ ବ୍ୟସ୍ତ ହୋଇପଡ଼ିଛନ୍ତି ସେତେବେଳେ କୋମଳ ଭାବରେ ଇସ୍ତିଗ୍‌ଫାର୍ (କ୍ଷମା ପ୍ରାର୍ଥନା) ପଢ଼ିବା ମନେ ପକାଇ ଦେଉଥିଲେ । ଜଲ୍‌ସା ସଭାଗୁଡ଼ିକରେ ବସିଥିବା ସମୟରେ କେତେକ ସମୟରେ କେହି ଯଦି କଥାବାର୍ତ୍ତା ଆରମ୍ଭ କରିଦିଅନ୍ତି ସେତେବେଳେ ସେ ଅତ୍ୟନ୍ତ ପ୍ରେମର ସହିତ ଯାଇ ସେମାନଙ୍କୁ କହୁଥିଲେ ଯେ, ଆଜ୍ଞା କଥାବାର୍ତ୍ତା କରିବା ବଦଳରେ ଇସ୍ତିଗ୍‌ଫାର୍ କର, ଜିକ୍ରେ ଇଲାହୀ (ଈଶ୍ୱର ଚର୍ଚ୍ଚା) କର । ଯେତେବେଳେ ବି କେହି ତାଙ୍କୁ ନିଜର କୌଣସି ଅସୁବିଧା ବିଷୟରେ କହୁଥିଲେ ସେତେବେଳେ ସେ ତତ୍‌କ୍ଷଣାତ୍ ତାକୁ ଖଲିଫାଏ ୱକ୍ତ୍ (ଉପସ୍ଥିତ ଖଲିଫା)ଙ୍କ ଦରବାରରେ ପ୍ରାର୍ଥନା ପାଇଁ ଚିଠି ଲେଖିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଆପଣ ସଭାପତି ରହିଥିଲେ କିମ୍ବା ଲଜ୍‌ନାର ଯେକୌଣସି ଜମାଅତୀ ପଦବୀ ଅଧିଷ୍ଠିତ ଥିଲେ ସେତେବେଳ ପର୍ଯ୍ୟନ୍ତ ଆପଣ ଜମାଅତୀୟ ପରାମର୍ଶକୁ ବେଶ୍ ଗୁରୁତ୍ୱ ଦେଉଥିଲେ ଏବଂ ସେ ଏକାକୀ ନିଷ୍ପତ୍ତି ଗ୍ରହଣ କରୁ ନଥିଲେ । ସେ ଅନ୍ୟମାନଙ୍କୁ ସୁଯୋଗ ଦେଉଥିଲେ ଯେ, ନିଜର ଅଭିଜ୍ଞତା ବର୍ଣ୍ଣନା କର ଏବଂ ଅନ୍ୟମାନଙ୍କୁ କହୁଥିଲେ ଯେ, ତୁମେ ମଧ୍ୟ ଏମାନଙ୍କଠାରୁ ଆଦର୍ଶ ଶିଖ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜଫୁଲ୍ଲାଃ ପୋନ୍ତୋ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି ଯେ, ସ୍ୱର୍ଗତା ମୋର କଜନ୍ (ପିଉସୀ/ମାଉସୀ ପୁଅ ଭଉଣୀ) ଥିଲେ କିନ୍ତୁ ମୁଁ ତାଙ୍କୁ ନିଜର ନିଜ ଭଉଣୀ ପରି ମନେ କରୁଥିଲି । ସେ ସମ୍ପର୍କୀୟମାନଙ୍କ ସହିତ ବହୁତ ଦୟାଳୁ ଥିଲେ । ନିୟମ ଓ ଅନୁଶାସନ ପାଳନକାରୀଣୀ ମହିଳାଟିଏ ଥିଲେ । ସେ ପୂର୍ଣ୍ଣ ଉଦ୍ୟମ କରୁଥିଲେ ଯେ, କେବଳ ଜମାଅତୀୟ କାର୍ଯ୍ୟକ୍ରମଗୁଡ଼ିକରେ ନୁହେଁ ବରଂ ସାଧାରଣ ସଭା ଏବଂ ସମ୍ପର୍କୀୟୟମାନଙ୍କର କାର୍ଯ୍ୟକ୍ରମଗୁଡ଼ିକରେ ମଧ୍ୟ ସାମିଲ୍ ହୁଅନ୍ତୁ। ସେ ସେଠାକୁ ଯାଉଥିଲେ । ତାଙ୍କର ବୃହତ୍ ସୋସିଆଲ୍ ଲାଇଫ୍ ଥିଲା । ଜଣେ ବନ୍ଧୁ ମୋତେ କହିଲେ ଯେ, ଥରେ ସେ ଆପଣଙ୍କୁ ପଚାରିଲେ ଯେ ଆପଣ ନିଜର ସମ୍ପର୍କୀୟ ମୁବଲ୍ଲିଗ୍ ମନ୍‌ସୁର ମିନଲ୍ଲାଃ (ମନ୍‌ସୁର ଅହମଦ ବାମନ୍ ଅଚନ୍ତି) ତାଙ୍କୁ ମୌଲାନା କାହିଁକି କହୁଛନ୍ତି ? ଅପରପକ୍ଷେ ସେ ପରା ଆପଣଙ୍କର ସେ ସମ୍ପର୍କୀୟ ଅଚନ୍ତି ଆପଣ ତାଙ୍କୁ

ନିଜର କାକା (ଚଚା) ଇତ୍ୟାଦି ମଧ୍ୟ କହିପାରିବେ । ଯଦି ଏହି ଚିନ୍ତାଧାରା ଥାଏ ତେବେ ତ' ଆମ ପାଖରେ କେତେକ ଲୋକ ମୁରବୀମାନଙ୍କର ସମ୍ମାନ କେବଳ ଏଥିପାଇଁ କରନ୍ତି ଯେ ଅମକ ବ୍ୟକ୍ତି ମୁବଲ୍ଲିଗ୍ ଅଟନ୍ତି । କିନ୍ତୁ ତାଙ୍କର ଚିନ୍ତାଧାରା କ'ଣ ଥିଲା ? କୁହନ୍ତି ମୁଁ ଏଥିପାଇଁ ତାଙ୍କୁ ମୌଲାନା କହେ ଯେ, ପ୍ରଥମ କଥା ହେଉଛି ଆମର ଏହି କର୍ତ୍ତବ୍ୟ ରହିଛି ଯେ, ଆମେ ନିଜ ବ୍ୟବସ୍ଥାର ସମ୍ମାନ ଜାଣାଇବା ଉଚିତ୍ । ବ୍ୟବସ୍ଥାର ସମ୍ମାନ ହେତୁ ମୁଁ ତାଙ୍କୁ ଏକଥା କହିଥାଏ । ତାଙ୍କର ଭଲ ଗୁଣ କାରଣରୁ ଏକଥା କହେ ନାହିଁ । ଦ୍ୱିତୀୟ କଥା ଏହା ଯେ, ତାଙ୍କୁ ତାଙ୍କର ପଦ ଏବଂ ତାଙ୍କର ଦାୟିତ୍ୱଗୁଡ଼ିକ ମନେ ରହୁ । ଏହି ଭାବନା ମୁଁ ତାଙ୍କୁ ସ୍ମରଣ କରାଇଥାଏ ଯେ, ମୁଁ ଆପଣଙ୍କୁ ଏଇଥିପାଇଁ ମୌଲାନା କହିଥାଏ । ସୁତରାଂ ଆପଣମାନେ କେବଳ ଏହା ମନେକରନ୍ତୁ ନାହିଁ ଯେ, ଆପଣଙ୍କର ସେ ଆଦର କରୁଛନ୍ତି ବରଂ ଆପଣଙ୍କର ସମ୍ମାନ ଆମେ ଏଇଥିପାଇଁ କରୁଛୁ ଯେ, ଆପଣଙ୍କୁ ଏକ ମର୍ଯ୍ୟାଦା ଅଲ୍ଲାଃତାଲା ପ୍ରଦାନ କରିଛନ୍ତି, ଆପଣଙ୍କର ଦାୟିତ୍ୱଗୁଡ଼ିକ ରହିଛି, ଧର୍ମ ସେବାର ଯେଉଁ ଦାୟିତ୍ୱ ଆପଣଙ୍କ ଉପରେ ଜମାଅତ୍ ପକ୍ଷରୁ ନ୍ୟସ୍ତ କରାଯାଇଛି ତାହାକୁ ଆପଣ ନିର୍ବାହ କରିବା ଉଚିତ୍ । ତେଣୁ ଏହି ଦାୟିତ୍ୱକୁ ଆପଣ ଅନୁଭବ କରନ୍ତୁ । ସ୍ୱର୍ଗତା କହୁଛନ୍ତି ଯେ, ଅନୁଭବ କରାଇବା ପାଇଁ ମୁଁ ତାଙ୍କୁ କହିଥାଏ । ଏହା ଥିଲା ତାଙ୍କର ଚିନ୍ତାଧାରା ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ମୁଁ ମଧ୍ୟ ଦେଖିଛି ଯେ, ସ୍ୱର୍ଗତା ଅତ୍ୟନ୍ତ ନିଷ୍ଠାବାନ୍ ମହିଳା ଥିଲେ ଏବଂ ଖିଲାଫତ୍ ଓ ଜମାଅତ୍ ସହିତ ବିଶେଷ ସମ୍ପର୍କ ରଖୁଥିବା ମହିଳା ଥିଲେ । ଅନେକ ଥର ଏଠାକୁ ଜଲ୍‌ସାରେ ମଧ୍ୟ ଆସିଛନ୍ତି ଏବଂ ଗଭୀର ନିଷ୍ଠା ଓ ଆନ୍ତରୀକତା ମଧ୍ୟ ପ୍ରକାଶ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପରବର୍ତ୍ତୀ ମୃତକ ହେଉଛନ୍ତି ଇଣ୍ଡୋନେସିଆର ଶ୍ରୀଯୁକ୍ତ ସ୍ୱର୍ଗତ ଅବଦ୍ଦୁଲ୍ ଜଲିଲ୍ ସାହେବ୍ । ତାଙ୍କର ମଧ୍ୟ ବିଗତ କିଛି ଦିନ ତଳେ 76 ବର୍ଷ ବୟସରେ ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲ୍ଲୈହି ରାଜିଉନ୍।** ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମହୋଦୟ ମୁସୀ ଥିଲେ । ତାଙ୍କର ପରିବାରବର୍ଗଙ୍କ ମଧ୍ୟରେ ଦୁଇଜଣ ପୁତ୍ର ସନ୍ତାନ ଏବଂ ଦୁଇଜଣ କନ୍ୟା ସନ୍ତାନ ଅଛନ୍ତି । ତାଙ୍କର ବଡ଼ ପୁତ୍ର ଦାନାନ୍ ଅନ୍ଦିୟାନା ସାହେବ ୱେଷ୍ଟ୍ ଜାଭାର ଆଞ୍ଚଳିକ ଅମୀର୍ ଅଟନ୍ତି । ସେ କୁହନ୍ତି ଯେ, ଆପଣଙ୍କୁ (ପିତାଶ୍ରୀଙ୍କୁ) ତବ୍‌ଲିଗ୍ (ପ୍ରଚାର) କରିବାରର ବେଶ୍ ଆଗ୍ରହ ଓ ରୁଚି ରହିଥିଲା। ଦକ୍ଷିଣ ସୁମାତ୍ରାରେ ବ୍ରଣାଇ ମୋଲିୟା ଜମାଅତ୍‌ର ପ୍ରତିଷ୍ଠା ଆପଣ ହିଁ କରିଥିଲେ । ସେ ଏହି ଜମାଅତ୍‌ର ପାୟୋନିୟର୍ (ଅଗ୍ରଦୂତ) ମଧ୍ୟ ଥିଲେ। । ସ୍ଥାନୀୟ ଜମାଅତ୍ ପ୍ରତିଷ୍ଠିତ ହେବା ପୂର୍ବରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ଆପଣ ନିଜର ସ୍ତ୍ରୀ ଏବଂ ନିଜର ଛୋଟ ପିଲା ସହିତ ଘରେ ହିଁ ଜୁମ୍ମା (ଶୁକ୍ରବାର) ନମାଜ୍ ପାଠ କରୁଥିଲେ । ବ୍ରଣାଇ ମୋଲିୟା ଜମାଅତ୍‌ର ପ୍ରତିଷ୍ଠା ପାଇଁ ଆପଣଙ୍କ ସଂଘର୍ଷ ସହଜ ନଥିଲା । ଥରେ ଜଣେ ଖ୍ରୀଷ୍ଟିଆନ୍ ହେଡ୍ ମାଷ୍ଟର୍ ଜଣେ ପାଦ୍ରୀ ଅଧିକାରୀଙ୍କ ପାଖରେ ଆପଣଙ୍କ ବିରୋଧରେ ଅଭିଯୋଗ କଲେ । ଏହି ଅଞ୍ଚଳରେ ଖ୍ରୀଷ୍ଟିଆନ୍ ଧର୍ମ ଅଧିକ ରହିଛି । ଏହାର ଫଳସ୍ୱରୂପ ଆପଣଙ୍କୁ ଗିରଫ କରାଗଲା । ସର୍ବସାଧାରଣରେ ବୁଲାଗଲା ଏବଂ କ୍ରୋଜୋନ୍ ପୋଲିସ ଷ୍ଟେସନ୍‌ରେ କିମ୍ବା ସେଠାରେ ସ୍ଥାନର ନାମ ଅଛି କ୍ରୋଜୋନ୍, ସେଠାରେ ପୋଲିସ ଷ୍ଟେସନରେ ବନ୍ଦୀ କରି ରଖାଗଲା । ଯେଉଁଠାରେ ଆପଣଙ୍କୁ ଦୁଇଜଣ ଅପରାଧୀଙ୍କ ସହିତ ଏକ କୋଠରୀରେ ରଖାଗଲା । କାରାବାସ ସମୟରେ ଆପଣଙ୍କୁ ନମାଜ୍ ପାଠ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କାରଣ ଜିଲ୍ଲା ସାମରିକ କମାଣ୍ଡର୍ ଖ୍ରୀଷ୍ଟିଆନ୍ ଥିଲେ। ସେ ନମାଜ୍‌ର ବିରୋଧ କରୁଥିଲେ ଏବଂ ଏହି ବିରୋଧ ସେହି ଧାର୍ମିକ ଆଲୋଚନା ପରେ ଆରମ୍ଭ ହୋଇଥିଲା ଯାହା ପୂର୍ବରୁ ଏହି ଦୁଇଜଣଙ୍କ ମଧ୍ୟରେ ହ. ଇସା ଅ.ସଙ୍କର ମୃତ୍ୟୁ ବିଷୟରେ ହୋଇଥିଲା । ତଥାପି ଜଣେ ସାମରିକ ଅଧିକାରୀ ସହାନୁଭୂତିଶୀଳ ମଧ୍ୟ ବାହାରିଲେ । ସେହି ସାମରିକ ଅଧିକାରୀ ଚୁପଚାପ୍ ଆପଣଙ୍କୁ କିଛି ଖବରକାଗଜ ଦେଇଦେଲେ ଯାହାଫଳରେ ଆପଣ କୋଠରୀରେ ସେଗୁଡ଼ିକୁ ବିଛାଇ ନମାଜ୍ ପଢ଼ିପାରିବେ । ଅସୁସ୍ଥତା ସତ୍ତ୍ୱେ ସ୍ୱର୍ଗତ ମହୋଦୟ ତବ୍‌ଲିଗର ଉତ୍ସାହ ଏବଂ ମନୋଭାବ ବଜାୟ ରଖିଥିଲେ । ସବୁବେଳେ ଅତିଥିମାନଙ୍କ ସେବା କରୁଥିଲେ । ମୁରବୀମାନଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ନିଜ ପରିବାରର ନୈତିକ ଏବଂ ଆଧ୍ୟାତ୍ମିକ ସଂସ୍କାରକୁ ବିଶେଷ ଗୁରୁତ୍ୱ ଦେଉଥିଲେ । ଏହା ନୁହେଁ ଯେ, ଅନ୍ୟମାନଙ୍କର ସଂସ୍କାର ଅଛି ବରଂ ନିଜ ପିଲାମାନଙ୍କୁ ମଧ୍ୟ ବହୁତ ବୁଝାଉଥିଲେ । ସାରା ଜୀବନ ନିଜ ସମାଜରେ ଏକ ଆଦର୍ଶ ବ୍ୟକ୍ତିତ୍ୱ ଭାବରେ ବିବେଚିତ ହେଉଥିଲେ ଏବଂ ଲୋକମାନେ ବିଭିନ୍ନ ମାମଲାର ସମାଧାନ ପାଇଁ ପ୍ରାୟତଃ ଆପଣଙ୍କ ଠାରୁ ପରାମର୍ଶ ଲୋଡୁଥିଲେ । ଆପଣ ଦୈନନ୍ଦିନ କିଛି ସମୟ କୁରୁଆନ୍ କରୀମ୍ ଏବଂ ହ. ମସିହ ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକଗୁଡ଼ିକର ପଠନ ଏବଂ ଅଧ୍ୟୟନ ପାଇଁ ମଧ୍ୟ ସମୟ ବାହାର କରୁଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅହମଦ ନୁରୁଦ୍ଦୀନ ଈସା ସାହେବ ମଧ୍ୟ ଜଣେ ପୂର୍ବତନ ମୁବଲ୍ଲିଗ୍ ଅଟନ୍ତି । ସେ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ବ୍ରଣାଇ ମୋଲିୟା ଜମାଅତ୍‌ର ପ୍ରତିଷ୍ଠାତା ଥିଲେ । ଯେତେବେଳେ ମୁଁ ବ୍ରଣାଇ ମୋଲିୟା ପହଞ୍ଚିଲି ସେତେବେଳେ ଆପଣ ଏବଂ ଆପଣଙ୍କ ସ୍ତ୍ରୀ ନିଜର ସମ୍ପର୍କୀୟମାନଙ୍କୁ ଜମାଅତ୍‌ର ଶିକ୍ଷାଗୁଡ଼ିକ ଶୁଣିବା ପାଇଁ ଡାକିଲେ ଏବଂ ସେହି ସମୟରେ ଆମର ତବ୍‌ଲିଗୀ ବୈଠକ ହେଲା ଏବଂ ଅଧା ରାତି ପର୍ଯ୍ୟନ୍ତ ସେହି ତବ୍‌ଲିଗୀ ବୈଠକ ଜାରି ରହିଲା । ପରିଶେଷରେ କୋଡ଼ିଏ ଜଣ ଲୋକ ଆପଣଙ୍କ ଏହି ପ୍ରଚେଷ୍ଟା ଯୋଗୁଁ ଅହମଦିୟତ୍ ଗ୍ରହଣ କରିନେଲେ । ପୂର୍ବରୁ ମଧ୍ୟ ସେ ସେମାନଙ୍କ ଉପରେ କିଛି ପ୍ରାରମ୍ଭିକ କାମ କରିଥିଲେ । ସ୍ୱର୍ଗତ ମସ୍‌ଜିଦ୍ ପାଇଁ ମଧ୍ୟ ଯେପରିକି ମୁଁ ପୂର୍ବରୁ ବର୍ଣ୍ଣନା କରିଛି ଯେ, ଜମିର ଏକ ଖଣ୍ଡ ଜମାଅତ୍‌କୁ ପ୍ରଦାନ କରିଥିଲେ । ପରେ ସେହି ଜମିରେ ଏକ 10x10 ମିଟରର ମସ୍‌ଜିଦ୍ ମଧ୍ୟ ନିର୍ମାଣ ହେଲା ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଇଣ୍ଡୋନେସିଆର ଯାମିଆର ଶିକ୍ଷକ ଅବଦୁଲ୍ ୱାହାବ୍ ସାହେବ ଉଲ୍ଲେଖ କରନ୍ତି ଯେ, ବ୍ରଣାଇ ମୋଲିୟା ଯେଉଁ ଜମାଅତ୍ ରହିଛି ସେଠାରେ ସେହି ଜମାଅତ୍‌କୁ ସଂଗଠିତ କରିବାରେ ସେମାନେ ବହୁତ କାମ କଲେ । ସେହିପରି ଆପଣଙ୍କର ଏକ ଗୁଣ ଏହା ମଧ୍ୟ ଥିଲା ଯେ ପାଞ୍ଚଟି ନମାଜ ତ' ପଢୁଥିଲେ ହିଁ, ନମାଜ୍ ତହଜୁଦ ମଧ୍ୟ ନିୟମିତ ଭାବରେ ପାଠ କରୁଥିଲେ । ଚାନ୍ଦା ମଧ୍ୟ ନିୟମିତ ଭାବରେ ପୈଠ କରୁଥିଲେ ଏବଂ ନିଜର ପଡ଼ୋଶୀମାନଙ୍କୁ ମଧ୍ୟ ସାହାୟତା କରୁଥିଲେ । ସେ ମାନବ ସେବା କରୁଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଇଣ୍ଡୋନେସିଆର ଶମ୍‌ସୁଲ୍ ବାହାରୈନ୍ ସାହେବ ନାମକ ଜଣେ ଏମ୍.ଟି.ଏର କର୍ମଚାରୀଙ୍କର ପୁତ୍ର ଅଟନ୍ତି । ସେ କୁହନ୍ତି: "ସ୍ୱର୍ଗତ ଆର୍ଥିକ ତ୍ୟାଗ ଏବଂ ବ୍ୟକ୍ତିଗତ ସେବା ଉଭୟରେ ଜମାଅତ୍ ପାଇଁ ତ୍ୟାଗର ଏକ ଅସାଧାରଣ ଆଦର୍ଶ ଥିଲେ । ଆପଣ ଥରେ କହିଥିଲେ ଯେ, ଯେତେବେଳେ ସେ ପ୍ରଥମ ଥର ସୁମାତ୍ରା ଗଲେ ସେତେବେଳେ ସେହି ଅଞ୍ଚଳରେ ଜମାଅତ୍‌ର କୌଣସି ଅନ୍ୟ ସଦସ୍ୟ ନଥିଲେ ଏବଂ ଯାତାୟାତ ଓ ଯୋଗାଯୋଗର ସାଧନଗୁଡ଼ିକ ମଧ୍ୟ ସୀମିତ ଥିଲା । ସେଇଥିପାଇଁ ଆପଣ ନିଜର ଚନ୍ଦା ଏକ ବିଶେଷ ବାକ୍ସରେ ଅଲଗା କରି ସଞ୍ଚୟ କରୁଥିଲେ ଏବଂ ବର୍ଷରେ ଥରେ ଜଲ୍‌ସା ସାଲାନାରେ ଯେତେବେଳେ କେନ୍ଦ୍ରକୁ (ମର୍କଜକୁ) ଆସୁଥିଲେ ସେତେବେଳେ ଯାଇ ଚାନ୍ଦା ପୈଠ କରୁଥିଲେ ।" ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ନସ୍ରୋନ୍ ଅହମଦ ସାହେବ ଆଞ୍ଚଳିକ ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଜୀବନର ଶେଷ ଦୁଇ ବର୍ଷରେ ଯେତେବେଳେ ଆପଣ ବହୁତ ଅସୁସ୍ଥ ଏବଂ ଶଯ୍ୟାଶାୟୀ ଥିଲେ ସେତେବେଳେ ଆପଣ ଜମାଅତ୍‌ର ଉନ୍ନତି ଏବଂ ପରିସ୍ଥିତି ବିଷୟରେ ମୋତେ ଡାକି ପଚାରୁଥିଲେ ଏବଂ ସବୁବେଳେ ମୃତ୍ୟୁକୁ ମଧ୍ୟ ମନେ ରଖୁଥିଲେ । ପ୍ରାର୍ଥନା ପାଇଁ ମଧ୍ୟ କହୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ । ସ୍ୱର୍ଗତାଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ଆମିନ୍ । ☆☆☆

ପୃ-02 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ହୁଜୁର୍ ଅନୱର୍ ଅ.ବ କହିଲେ, ତେଣୁ ଏହି କଥାଗୁଡ଼ିକୁ ସର୍ବଦା ମନେ ରଖିବା ଉଚିତ୍ । ମହିଳାମାନଙ୍କୁ ମଧ୍ୟ ପ୍ରଚାରର କ୍ଷେତ୍ରରେ ଆଗକୁ ଆସିବାକୁ ହେବ । ସଂସାରର ଏହି ପରିସ୍ଥିତିରେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ଏବଂ ତାହାଙ୍କର ବାର୍ତ୍ତା ପହଞ୍ଚାଇବା ପାଇଁ ଚେଷ୍ଟା କରନ୍ତୁ । ଯେପରିକି ସଂସାରକୁ ଜ୍ଞାତ ହେଉ ଯେ, ସେମାନଙ୍କର ରକ୍ଷା ତଥା ଜୀବନ ଅଲ୍ଲାଃତାଲାଙ୍କ ଆଡ଼କୁ ଆନତ (ନଇଁବା)ରେ ଅଛି ନା କି ଦୁନିଆର ଗୌରବ ଓ ବୈଭବରେ ନଇଁ ପଡ଼ିବାର ଆବଶ୍ୟକତା ରହିଛି ।

ହୁଜୁର୍ ଅ.ସ କହିଲେ, "ତୁମେମାନେ ଏହା ଭାବ ନାହିଁ ଯେ, ବୈଅତ୍ କରିବା ଦ୍ୱାରା ଈଶ୍ୱର ପ୍ରସନ୍ନ ହୋଇଯାଆନ୍ତି । ଏହା କେବଳ ବାହ୍ୟ ଛାଲ ଅଟେ । ଏହାର ମଞ୍ଜି ତ' ଏହା ଭିତରେ ଅଛି । ମଞ୍ଜି ଏହା ଅଟେ ଯାହା ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷା ଅଟେ । ଅର୍ଥାତ୍ ଇସ୍‌ଲାମ୍ ଧର୍ମର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରନ୍ତୁ । ଏହି କର୍ମ ସେପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ପବିତ୍ର କୁରୁଆନ୍ କରୀମ୍‌ର ଅଧ୍ୟୟନ ନ କରିଛ ଓ ପାଠ କରି ବୁଝିବାକୁ ଚେଷ୍ଟା କରି ନନେଇଛ । ଏହା କେବଳ ପୁରୁଷମାନଙ୍କ କାମ ନୁହେଁ ଯେ, ସେମାନେ ପବିତ୍ର କୁରଆନ୍ କରୀମ୍ ପାଠ କରି ଏହା ଉପରେ କାର୍ଯ୍ୟାନୁସରଣ

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରିବେ। ପୁରୁଷମାନଙ୍କର କାମ ଏହା ଯେ, ସେମାନେ ମହିଳାମାନଙ୍କୁ ପବିତ୍ର କୁରଆନ୍ ପାଠ କରାନ୍ତୁ । ଯେପରିକି ଜମାଅତୀୟ ବ୍ୟବସ୍ଥାରେ ଗୋଟିଏ ଲଜ୍ନା (ମହିଳା ଗୋଷ୍ଠୀ) ର ବ୍ୟବସ୍ଥା ମଧ୍ୟ ସ୍ଥାପିତ ହୋଇଛି, ମହିଳାମାନଙ୍କର ସଂଗଠନ ସ୍ଥାପିତ ଅଛି। ପବିତ୍ର କୁରୁଆନ ପଢ଼ିବାର ଏବଂ ଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ ସ୍ଥାପିତ ହୋଇଛି । ମହିଳାମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ସେମାନେ ଏହି ଦିଗ ପ୍ରତି ଭରପୂର ଧ୍ୟାନ ଦିଅନ୍ତୁ ଏବଂ ଚେଷ୍ଟା କରନ୍ତୁ। ବର୍ତ୍ତମାନ ତ' ଉଚ୍ଚ ଶିକ୍ଷିତା ମହିଳା ଏବଂ ବାଳିକାମାନେ ଅଛନ୍ତି । ସେମାନେ ଯେଉଁଠାରେ ପବିତ୍ର କୁରୁଆନ୍ ମାଜିଦ ପଢ଼ିବା ଶିଖନ୍ତି ସେଠାରେ ଅନୁବାଦ ମଧ୍ୟ ଶିଖନ୍ତୁ। ଏବଂ ପୁଣି ଦେଖନ୍ତୁ ଯେ ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶଗୁଡ଼ିକ କ'ଣ। ପବିତ୍ର କୁରୁଆନ କରୀମ୍‌ର ତର୍ତିଲ (ସଠିକ୍ ଉଚ୍ଚାରଣ)ର କ୍ଲାସ୍ ଲାଗିଥାଏ । କେବଳ ପଢ଼ାଇବା ଉଦ୍ଦେଶ୍ୟ ନୁହେଁ ବରଂ ଏହି ଉଦ୍ଦେଶ୍ୟ ହେବା ଉଚିତ୍ ଯେ ଏହା ଉପରେ କାର୍ଯ୍ୟାନୁସରଣ କରିବାକୁ ହେବ । କେଉଁ କଥାଗୁଡ଼ିକ କରିବାର ଏବଂ କେଉଁଗୁଡ଼ିକରୁ ବାରଣ କରିବାର ଆଦେଶ ଦିଆଯାଇଛି । ଯେତେବେଳେ ଏହା କରିବେ ସେତେବେଳେ ଯାଇ ପ୍ରକୃତ ଅହମଦି ରୂପେ ବିବେଚିତ ହେବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପବିତ୍ର କୁରୁଆନ୍ ପରଦା, ଶାଳୀନ ପୋଷାକ, ହିଜାବ୍ ଏବଂ ପୁରୁଷମାନଙ୍କ ଠାରୁ ଏକ ନିର୍ଦ୍ଦିଷ୍ଟ ଦୂରତା ବଜାୟ ରଖିବା ନିମନ୍ତେ ଆଦେଶ ଦେଇଛି । ଏହି କଥାଗୁଡ଼ିକୁ ଏହି ସମାଜରେ ଅଣଦେଖା କରିଦିଆଯାଏ ଏବଂ ଧ୍ୟାନ ଦିଆଯାଏ ନାହିଁ । ଆପଣମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆପଣମାନେ ପବିତ୍ର କୁରୁଆନର ଏହି ନିର୍ଦ୍ଦେଶଗୁଡ଼ିକୁ କାର୍ଯ୍ୟାନୁସରଣ କରନ୍ତୁ । ତେଣୁ ଆପଣମାନେ ଯେତେବେଳେ ଏପରି କରିବେ ସେତେବେଳେ ଯାଇ ଆପଣମାନେ ଏକ ସୁସ୍ଥ ଏବଂ ସୁନ୍ଦର ସମାଜ ମଧ୍ୟ ଗଠନ କରିପାରିବେ । ଯେତେବେଳେ ଆପଣମାନେ ଏପରି କରିବେ ସେତେବେଳେ ଯାଇ ପୁରୁଷମାନଙ୍କର ସଂଶୋଧନକାରୀ ବ୍ୟକ୍ତି ରୂପେ ମଧ୍ୟ ପରିଗଣିତ ହୋଇପାରିବେ। ଏବଂ ଇସ୍‌ଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଉଥିବା ବ୍ୟକ୍ତି ରୂପେ ମଧ୍ୟ ବିବେଚିତ ହୋଇପାରିବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ମନେ ରଖନ୍ତୁ ଯେ, ପ୍ରତ୍ୟେକ ଅହମଦି ମୁସଲମାନ ପକ୍ଷେ ଏହା ଉଚିତ୍ ଯେ, ସେ ପୁରୁଷ ହେଉ କି ମହିଳା ହେଉ ନିଜ ଜୀବନରେ ହ. ମୁହମ୍ମଦ ସ.ଅଙ୍କର ଆଦର୍ଶ ପ୍ରଦର୍ଶନ କରନ୍ତୁ । ହୁଜୁର ସ.ଅଙ୍କର କ'ଣ ଆଦର୍ଶ ଥିଲା ? ଆମର ପ୍ରିୟ ମହାବତାର ହ. ମୁହମ୍ମଦ ସ.ଅ ନିଜର ସେହି ସର୍ବୋଚ୍ଚ ଆଦର୍ଶ ପ୍ରଦର୍ଶନ କଲେ ଯେ, ଆପଣ ସ.ଅଙ୍କର ମୃତ୍ୟୁ ଏବଂ ଆପଣ ସ.ଅଙ୍କ ଜୀବନ ଈଶ୍ୱରଙ୍କ ସକାଶେ ସମର୍ପିତ ଅଟେ । କିନ୍ତୁ ବର୍ତ୍ତମାନ କେଉଁ ଅବସ୍ଥା ରହିଛି ? କଲମା (ଆଦର୍ଶ ଉକ୍ତି) ପଢ଼ି ନେଉଛୁ ଏବଂ କହି ଦେଉଛୁ ଯେ, ଆମେମାନେ ମୁସଲମାନ ଅଟୁ। କିନ୍ତୁ ପ୍ରକୃତ ମୁସଲମାନର ଉଦ୍ଦେଶ୍ୟ ତ' ଅଲ୍ଲାଃତାଲାଙ୍କର ସାନ୍ନିଧ ଲାଭ କରିବା ଅଟେ। କିପରି ତାହାଙ୍କର ପ୍ରକୃତ ଭକ୍ତ ହେବାକୁ ହେବ ? କିନ୍ତୁ ବର୍ତ୍ତମାନର ମୁସଲମାନମାନେ କ'ଣ ଅଛନ୍ତି ? ଯଦି ଆମେମାନେ ନିଜେ ନିଜର ଆତ୍ମସମୀକ୍ଷା କରୁ ତେବେ ଆମମାନଙ୍କୁ ମଧ୍ୟ ଜଣାପଡ଼ିଯିବ ଯେ, ଆମେ କ'ଣ ଅଛୁ । ଆମମାନଙ୍କ ଜୀବନ ସଂସାର ପାଇଁ ଜିଇଁବା ଏବଂ ସଂସାର ପାଇଁ ମରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ । ୟୁରୋପରେ ଆସି ଆମମାନଙ୍କର ପ୍ରାଥମିକତା ତଥା ମୂଳାଭିପ୍ରାୟ ପରିବର୍ତ୍ତନ ହୋଇଯାଇଛି । ଆମେମାନେ ସାଂସାରିକତା ସନ୍ଧାନାରେ ରହିଥାଉ । ଅନେକ ଲୋକ ପ୍ରଶ୍ନ କରୁଛନ୍ତି ଯେ, ଅଲ୍ଲାଃତାଲା ଆମର ପ୍ରାର୍ଥନା ଶୁଣୁ ନାହାନ୍ତି ଏହାର କାରଣ କ'ଣ ? ଅଲ୍ଲାଃତାଲା ତ' କହୁଛନ୍ତି ଯେ, ହେ ବିଶ୍ୱାସକାରକୀମାନେ ତୁମେମାନେ ମୋର କଥାଗୁଡ଼ିକୁ ଯେତେବେଳେ ମାନିବ ସେତେବେଳେ ମୁଁ ତୁମମାନଙ୍କର ପ୍ରାର୍ଥନା ମଧ୍ୟ ଶୁଣିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କହିଲେ, ମୁସଲମାନ ହେବା କୌଣସି ସହଜ କଥା ନୁହଁ । ଅର୍ଥାତ୍ ଯେତେବେଳେ ପର୍ଯ୍ୟନ୍ତ ହ. ମୁହମ୍ମଦ ସ.ଅଙ୍କର ଆଜ୍ଞାବହତ୍ୱ ଏବଂ ଆପଣ ସ.ଅଙ୍କର ଆଦର୍ଶ ନିଜ ଭିତରେ ସୃଷ୍ଟି କରି ନାହଁ ସେତେବେଳେ ପର୍ଯ୍ୟନ୍ତ ତୁମେମାନେ ସନ୍ତୁଷ୍ଟ ହୁଅ ନାହିଁ । କେବଳ ଛାଲରେ (ବଲ୍କଳରେ) ରୁହ ନାହିଁ ବରଂ ଏହାର ମଞ୍ଜି ଏବଂ ଆତ୍ମାକୁ ମଧ୍ୟ ଖୋଜ । ଆତ୍ମା ସେତେବେଳେ ପର୍ଯ୍ୟନ୍ତ ମିଳିପାରିବ ନାହିଁ ଯେତେବେଳେ ପର୍ଯ୍ୟନ୍ତ ଇସ୍‌ଲାମୀୟ ଶିକ୍ଷାଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବାର ଚେଷ୍ଟା ନ ହୋଇଛି ଏବଂ ହ. ମୁହମ୍ମଦ ସ.ଅଙ୍କର ଜୀବନ ଉପରେ ବିଚାର ନ କରିଛ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଆଜିକାଲି ମୁଁ ହ. ମୁହମ୍ମଦ ସ.ଅଙ୍କର ଜୀବନୀ ଉପରେ ଖୁତବା (ଶୁକ୍ରବାରୀୟ ଧର୍ମୋପଦେଶ ବା ଉଦବୋଧନ) ଦେଉଛି ସେଗୁଡ଼ିକୁ ମଧ୍ୟ ଧ୍ୟାନର ସହିତ ଶୁଣିବା, ସେଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ଏବଂ ଆପଣାଇବା ପ୍ରତି ଚେଷ୍ଟା କରିବା ଉଚିତ୍ । ହ. ମସିହ୍ ମଉଦ୍ ଅ.ସଙ୍କୁ ଇସ୍‌ଲାମ ଧର୍ମର ଅବସ୍ଥା ସଂପର୍କରେ ବହୁତ ଚିନ୍ତା ରହୁଥିଲା । ଅର୍ଥାତ୍ ଆପଣ ଅ.ସ ଇସ୍‌ଲାମ୍ ଧର୍ମର ଅବସ୍ଥା ପ୍ରତି ସର୍ବଦା ଚିନ୍ତିତ ରହୁଥିଲେ । ଏକ ଅବସରରେ ଆପଣ ଅ.ସ ଏକ ଦୀର୍ଘ ନିଶ୍ୱାସ ନେଇ କହିଥିଲେ ଯେ, "ମୁଁ କିପରି କହିବି ଯେ ଇସଲାମ୍ ଧର୍ମର କ'ଣ ଅବସ୍ଥା ହେଉଛି । ସାଂପ୍ରତିକ ଯୁଗ ଏପରି ଯୁଗ ଅଟେ ଯେଉଁଥିରେ ଆପଣମାନଙ୍କୁ କୁର୍ବାନୀ (ବଳିଦାନ) ଦେବାର, ଧର୍ମ ଶିଖିବାର ଏବଂ ଧର୍ମ ପ୍ରଚାର କରିବାର ଆବଶ୍ୟକତା ରହିଛି। ତେଣୁ ଯେପର୍ଯ୍ୟନ୍ତ ଆମେମାନେ ନିଜର ଅବସ୍ଥା ପରିବର୍ତ୍ତନ କରି ନାହୁଁ ସେପର୍ଯ୍ୟନ୍ତ ଆମର ମହିଳାମାନେ, ଆମର ସନ୍ତାନମାନେ, ଆମର ପୁରୁଷ ଏବଂ ଯୁବକମାନେ ଏହି କଥା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଚେଷ୍ଟା କରିବେ ନାହିଁ । ଯେପର୍ଯ୍ୟନ୍ତ ଆମମାନେ ନିଜର ଅବସ୍ଥାକୁ ଅଲ୍ଲାଃତାଲାଙ୍କର ଇଚ୍ଛା ଏବଂ ଶିକ୍ଷା ଅନୁଯାୟୀ କରିନେଇ ନାହୁଁ ସେପର୍ଯ୍ୟନ୍ତ ଆମେମାନେ ଏହି ଦାବି କରିପାରିବୁ ନାହିଁ ଯେ, ଆମେମାନେ ପ୍ରକୃତ ଅହମଦି ମୁସଲମାନ ଅଟୁ । ତେଣୁ ଉପରୋକ୍ତ କଥା ଉପରେ ସର୍ବାଧିକ ଚେଷ୍ଟା ଏବଂ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ସମାଜରେ ଯେଉଁ କୁପ୍ରବୃତ୍ତିଗୁଡ଼ିକ ରହିଛି ତହିଁରୁ ବର୍ତ୍ତିବାର ଆବଶ୍ୟକତା ରହିଛି । ହୁଜୁର ଅ.ସ କୁହନ୍ତି ଯେ, "ସାଂପ୍ରତିକ ଯୁଗରେ ଯେଉଁ କଠିନ ପରିସ୍ଥିତିଗୁଡ଼ିକ ରହିଛି ସେଗୁଡ଼ିକରୁ ବର୍ତ୍ତି ରୁହନ୍ତୁ, ପ୍ରାର୍ଥନାରେ ଲାଗି ରୁହନ୍ତୁ ଏବଂ ନିଜ ଭିତରେ ଇସ୍‌ଲାମ ଧର୍ମର ପ୍ରକୃତ ସତ୍ୟତାକୁ ସୃଷ୍ଟି କରନ୍ତୁ । ଏହି କଠିନ ପରିସ୍ଥିତିଗୁଡ଼ିକ କ'ଣ ? ତାହା ହେଉଛି ଟିଭି, ଇଣ୍ଟରନେଟ୍ ଏବଂ ସୋସିଆଲ୍ ମିଡ଼ିଆ। ଏଗୁଡ଼ିକରେ ଅପରିଷ୍କାରତା ଅର୍ଥାତ୍ ଅଶ୍ଳୀଳତା ଏବଂ ଭୁଲ୍ ପ୍ରକାରର ମାର୍ଗଦର୍ଶନ ବ୍ୟତୀତ ଆଉ କିଛି ମିଳେ ନାହିଁ । ଏହିସବୁ ହିଁ ସେମାନଙ୍କର ଆଚରଣକୁ ନଷ୍ଟ କରିଦେଇଛି ଏବଂ ନୈତିକ ମୂଲ୍ୟବୋଧକୁ ଅତି ନିମ୍ନ ସ୍ତରକୁ ଖସାଇ ଦେଇଛି । ଏହି ପରିସ୍ଥିତିରେ ଜଣେ ଅହମଦି ପୁରୁଷ, ମହିଳା ଏବଂ ଯୁବକମାନଙ୍କର କର୍ତ୍ତବ୍ୟ ହେଉଛି ଯେ, ସେମାନେ ଏଗୁଡ଼ିକରୁ ଦୂରେଇ ରହିବେ ଏବଂ ଏହାର ପ୍ରତିକାର, ପ୍ରତିରୋଧ ତଥା ଏହାକୁ ଦୂର କରିବା ପାଇଁ ପ୍ରୟାସ କରିବା ଉଚିତ୍ । ନିଜର ଆଦର୍ଶ ଉପସ୍ଥାପନ କରିବା ଉଚିତ୍ । ନୂତନ ପ୍ରଯୁକ୍ତିବିଦ୍ୟାରେ ସୋସିଆଲ୍ ମିଡ଼ିଆ ମାଧ୍ୟମରେ ଅଧର୍ମ ଅର୍ଥାତ୍ ପାପ ବିରୁଦ୍ଧରେ ଧର୍ମ ଓ ଭଲ କଥାକୁ ବର୍ଣ୍ଣନା କରିବା ଉଚିତ୍ । ଏହି କାର୍ଯ୍ୟ ନିଜ ଇଚ୍ଛାରେ ହୋଇପାରିବ ନାହିଁ ବରଂ ଏଥିପାଇଁ ପ୍ରାର୍ଥନା ଏବଂ ପ୍ରାର୍ଥନାରେ ନିମଗ୍ନ ରହିବାର ଆବଶ୍ୟକତା ରହିଛି । ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣମାନେ ପ୍ରାର୍ଥନାରେ ଲାଗି ରୁହନ୍ତୁ ଏବଂ ଇସ୍‌ଲାମ୍ ଧର୍ମର ପ୍ରକୃତ ଆଦର୍ଶ ପ୍ରଦର୍ଶନ କରନ୍ତୁ । ଯାହାଫଳରେ ପୁନର୍ବାର ଏକ ବିପ୍ଳବ ଆସିପାରିବ । ତେଣୁ ଯଦି ଏକ ବିପ୍ଳବ ସୃଷ୍ଟି କରିବାର ଅଛି ତେବେ ତ୍ୟାଗ ଏବଂ ପ୍ରାର୍ଥନାର ଆବଶ୍ୟକତା ରହିଛି । ଯେପର୍ଯ୍ୟନ୍ତ ଏପରି ହୋଇ ନାହିଁ ସେପର୍ଯ୍ୟନ୍ତ ଆମେମାନେ ଏହା କହିପାରିବୁ ନାହିଁ ଯେ, ଆମେମାନେ ଅହମଦି ମୁସଲମାନ ଅଟୁ ।"

ହୁଜୁର୍ ଅନ୍‌ୱର ଅ.ବ କହିଲେ, "ଆପଣମାନେ ସର୍ବଦା ମନେରଖନ୍ତୁ ଯେ, ନିଜ ନିଜ ଘରେ ନମାଜ୍ (ପ୍ରାର୍ଥନା) ପାଠ କରନ୍ତୁ । କେତେକ ମହିଳାମାନେ କୁହନ୍ତି ଯେ, ଯେତେବେଳେ ସେମାନେ ପୁରୁଷମାନଙ୍କୁ ନମାଜ ପାଠ କରିବାକୁ କୁହନ୍ତି ସେତେବଳେ ସେମାନେ ରାଗିଯାଆନ୍ତି । ତେଣୁ ବୁଦ୍ଧିମତ୍ତାର ସହିତ ନିଜର ସ୍ୱାମୀମାନଙ୍କୁ କହୁଥାଆନ୍ତୁ। ସନ୍ତାନମାନଙ୍କୁ କହୁ ଥାଆନ୍ତୁ । ସନ୍ତାନମାନଙ୍କ ବିଷୟରେ ପୁରୁଷମାନଙ୍କୁ କହୁ ଥାଆନ୍ତୁ ଯେ, ଯଦି ଆପଣମାନେ ନମାଜ୍ ପାଠ କରିବେ ନାହିଁ, ଇସଲାମ୍ ଧର୍ମର କର୍ମକାଣ୍ଡ ଉପରେ କାର୍ଯ୍ୟାନୁସରଣ କରିବେ ନାହିଁ ତେବେ ପିଲାମାନେ ମଧ୍ୟ କୌଣସି କଥା ଉପରେ କାର୍ଯ୍ୟାନୁସରଣ କରିବେ ନାହିଁ । ସନ୍ତାନମାନେ ଈଶ୍ୱରଙ୍କ ଠାରୁ ଦୂରେଇଯିବେ। ଏହାପରେ ସେମାନେ ଏହି ଅଭିଯୋଗ କରିବେ ଯେ, ଅଲ୍ଲାଃଙ୍କର କୃପା ହେଉ ନାହିଁ ଏବଂ ଅଲ୍ଲାଃତାଲା ପ୍ରାର୍ଥନା ଶୁଣୁ ନାହାନ୍ତି । ତେଣୁ ଯଦି ଅଲ୍ଲାଃଙ୍କର କୃପାକୁ ପ୍ରାପ୍ତ କରିବାକୁ ଚାହୁଁଛନ୍ତି ତେବେ ନିଜର ଅବସ୍ଥାକୁ ପରିବର୍ତ୍ତନ କରିବାକୁ ହେବ । ଅତଏବ୍ ଯଦି ଏହା ହୁଏ ତେବେ ଆପଣମାନେ ସେହି ମନୁଷ୍ୟ ଏବଂ ସେହି ଅହମଦି ହୋଇପାରିବେ ଯାହାଙ୍କ ପାଇଁ ଅଲ୍ଲାଃତାଆଲା ହ. ମସିହ୍ ମଉଦ ଅ.ସଙ୍କୁ ପଠାଇଛନ୍ତି ।

ହୁଜୁର ଅନ୍‌ୱର ଅ.ବ କହିଲେ ଯେ, ଆଜିକାଲି ମୁଁ ଆଁହଜରତ୍ ସ.ଅଙ୍କର ଜୀବନୀ ଆଦର୍ଶ ଓ ସାଂପ୍ରତିକ ଯୁଗରେ ଆପଣ ସ.ଅଙ୍କର ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କର ଜୀବନୀ ଆଦର୍ଶ ସଂପର୍କରେ ବିଭିନ୍ନ ଗୁଣଗୁଡ଼ିକର ବର୍ଣ୍ଣନା କରୁଛି । କିପରି ଆପଣ ଅ.ସଙ୍କର ଆଦର୍ଶ ରହିଥିଲା ଏବଂ କିପରି ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ସେହି ଆଦର୍ଶଗୁଡ଼ିକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ସେଗୁଡ଼ିକ ଉପରେ ଚିନ୍ତା କରନ୍ତୁ, ଦେଖନ୍ତୁ ଏବଂ ଶୁଣନ୍ତୁ ଓ ସେଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବାକୁ ଚେଷ୍ଟା କରନ୍ତୁ । ହ. ମସିହ୍ ମଉଦ୍ ଅ.ସ ସ୍ପଷ୍ଟ ଭାବରେ କୁହନ୍ତି ଯେ, "ଏହା ଉପରେ ଖୁସି ହୁଅନ୍ତୁ ନାହିଁ ଯେ ଆମେମାନେ ନମାଜ୍ ପାଠ କରୁ, ରୋଜା ରଖୁଛୁ ବା ଛୋଟମୋଟ ଅପରାଧରୁ ବର୍ତ୍ତି ରହିଛୁ । ଏହି ଗୁଣଗୁଡ଼ିକରେ ଅନ୍ୟ ସମ୍ପ୍ରଦାୟର ଲୋକମାନେ ଏବଂ ମୂର୍ତ୍ତିପୂଜକମାନେ ମଧ୍ୟ ଆପଣମାନଙ୍କ ସହିତ ସାମିଲ୍ ଅଛନ୍ତି ।

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

ଅନୁବାଦ୍: ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଆଜିକାଲି ତ' ମିଡ଼ିଆରେ ଏପରି କାର୍ଯ୍ୟକ୍ରମ ଆସୁଛି ଯାହାକୁ ଦେଖିବା ଦ୍ୱାରା ମନୁଷ୍ୟ କାର୍ଯ୍ୟତଃ (ବ୍ୟବହାରିକ) ନହେଲେ ମଧ୍ୟ ମାନସିକ ଏବଂ ନୈତିକ ଅପରାଧରେ ପଡ଼ିଯାଏ । ତେଣୁ ଏହିସବୁ ଜିନିଷକୁ କେତେକ ଅହମଦି ମୁସଲମାନେ ମଧ୍ୟ ନୁହେଁ ବରଂ ସୁସଂସ୍କାରପୂର୍ଣ୍ଣ ଏବଂ ଭଦ୍ର ଲୋକମାନେ ମଧ୍ୟ ପସନ୍ଦ କରନ୍ତି ନାହିଁ । ଏହାର ପରିଣାମ ସ୍ୱରୂପ ସେମାନେ ନିଜକୁ କ୍ଷତି ପହଞ୍ଚାଇ ଥାଆନ୍ତି ଏବଂ ନୈତିକତାକୁ ନଷ୍ଟ କରି ସମାଜ ଉପରେ ଏକ କୁପ୍ରଭାବ ପକାଇଥାନ୍ତି । କିନ୍ତୁ ଆମମାନଙ୍କୁ ଅଲ୍ଲାଃତାଲାଙ୍କର ଅଧିକାର ଏବଂ ତାହାଙ୍କର ସୃଷ୍ଟିର ଅଧିକାରଗୁଡ଼ିକୁ ପୂର୍ଣ୍ଣ ରୂପେ ସମ୍ପଦାନ କରିବା ପ୍ରତି ଉଦ୍ୟମ କରିବାକୁ ହେବ । ଯଦି ଏହି କଥାଗୁଡ଼ିକ ଆମମାନଙ୍କ ମଧ୍ୟରେ ନାହିଁ ଏବଂ ସାଂସାରିକ ବ୍ୟକ୍ତିମାନଙ୍କ ପଛରେ ଚାଲିବାର ଅଛି, ଆମମାନଙ୍କୁ ଅଧିକାରଗୁଡ଼ିକ ବହନ କରିବା ନିମନ୍ତେ ଚେଷ୍ଟା କରିବା ଉଚିତ୍ । ଯଦି ଆମମାନଙ୍କୁ କର୍ତ୍ତବ୍ୟଗୁଡ଼ିକ ସମ୍ପଦାନ କରିବା ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ନାହିଁ ଏବଂ ସଂସାରକୁ ହିଁ ପରମ ଲକ୍ଷ୍ୟ (ଧ୍ୟେୟ) କରିବାର ଅଛି ତେବେ ଆମର ଅହମଦି ମୁସଲମାନ ହେବା ଅଲ୍ଲାଃତାଲାଙ୍କ ଦୃଷ୍ଟିରେ କୌଣସି ମୂଲ୍ୟ ନାହିଁ । ହୁଜୁର୍ ଅନୱର୍ ଅ.ବ କହିଲେ, ଅଲ୍ଲାଃ କରନ୍ତୁ କି ସମସ୍ତ ମହିଳା ଏବଂ ପୁରୁଷମାନେ ମଧ୍ୟ ନିଜ ନିଜ ଦାୟିତ୍ୱଗୁଡ଼ିକୁ ହୃଦୟଙ୍ଗମ କରନ୍ତୁ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ମିଶନକୁ ପୂର୍ଣ୍ଣ କରିବା ପାଇଁ ସହାୟକ ହୁଅନ୍ତୁ, ଜଲ୍‌ସାକୁ ଆସିବାର ଉଦ୍ଦେଶ୍ୟକୁ ପୂର୍ଣ୍ଣ ତଥା ଚରିତାର୍ଥ କରୁଥିବା ବ୍ୟକ୍ତି ରୂପେ ପରିଗଣିତ କରନ୍ତୁ । ଅତଏବ୍ ସେତେବେଳେ ଏହା କୁହାଯାଇପାରିବ ଯେ, ଆମେମାନେ ଅହମଦି ମୁସଲମାନ ଅଟୁ ଏବଂ ଏହାକୁ ବାଦ୍‌ଦେଲେ ଆମର କୌଣସି ଜୀବନ ନାହିଁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହଜୁର ଅନ୍‌ୱର ଅ.ବଙ୍କର ଉଦ୍‌ବୋଧନ ବାରଟା ବାଜି ଅଠେଇଶି (12.28) ମିନିଟ୍ ସମୟ ପର୍ଯ୍ୟନ୍ତ ଜାରି ରହିଥିଲା । ଏହାପରେ ହଜୁର ଅନ୍‌ୱର ଅ.ବ ଦୁଆ (ପ୍ରାର୍ଥନା) କରାଇଥିଲେ । ଦୁଆ ପରେ ଗ୍ରୁପ୍ ଆକାରରେ ନାସିରତ୍ ଓ ଲଜ୍‌ନା ଇମାଇଲ୍ଲାଃଙ୍କର ସଦସ୍ୟାମାନେ ତରାନା (କୋରସ୍) ପରିବେଷଣ କରିଥିଲେ । ଏତଦ୍‌ପରେ ହଜୁର ଅନ୍‌ୱର ଅ.ବ କହିଲେ ଯେ, ଜର୍ମାନୀର ଲଜ୍‌ନା ଇମାଇଲ୍ଲାଃଙ୍କର ଉପସ୍ଥିତି ସଂଖ୍ୟା ହେଉଛି 19 ହଜାର 494 । ତତ୍‌ସହିତ ହୁଜୁର୍ ଅନୱର୍ ଅ.ବ ଏହା ମଧ୍ୟ ଉପଦେଶ ଦେଇଥିଲେ ଯେ, ଆପଣମାନେ ଯେଉଁ ତରାନା ଗାନ କରନ୍ତି, ତରାନା ଗାନ କରିବାର ଉଦ୍ଦେଶ୍ୟ କେବଳ ଗାନ କରିବା ନୁହେଁ ବରଂ ଏହା ଉପରେ କାର୍ଯ୍ୟାନୁସରରଣ କରିବା ପ୍ରତି ମଧ୍ୟ ଚେଷ୍ଟା କରିବା ଉଚିତ୍ । ହୁଜୁର୍ ଅନ୍‌ୱର୍ ଅ.ବ ନମସ୍କାର କରିବା ପରେ ବାରଟା ବାଜି ତେଆଳିଶ (12.43) ମିନିଟ୍ ସମୟରେ ଐୱାନେ ମସୁରର୍ ଠାକୁ ପ୍ରସ୍ଥାନ କରିଥିଲେ ।

☆☆☆

ସୟେଦିନା ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଜର୍ମାନୀ ଗସ୍ତ (30 Aug 2023 ଗୁରୁବାର ଦିନ) ।

ଉକ୍ତ ମସଜିଦ୍‌ର ନିର୍ମାଣରେ 60,50,000 ୟୁରୋ ଅର୍ଥ ଖର୍ଚ୍ଚ ହୋଇଛି । ଜର୍ମାନୀର ଅମୀର ସାହେବଙ୍କ ବକ୍ତବ୍ୟ ପରେ ଜର୍ମାନ୍ ସଂସଦର ସଦସ୍ୟା ନାତାଲି ପାୱଲିକ୍ (Natalie Pawlik) ନିଜର ବକ୍ତବ୍ୟ ରଖି କହିଲେ: ମୁଁ ହିଜ୍ ହୋଲିନେସ୍ (His Holiness)ଙ୍କୁ ନମସ୍କାର ଜଣାଉଛି । ସେହିପରି ନେସନାଲ୍ ଆମୀର ଅବଦୁଲ୍ଲାଃ ୱାଗିସ୍‌ହାଉଜର୍ (Abdullah Wagishauser) ସାହେବ, ମେୟର ସାହେବ ଏବଂ ସମସ୍ତ ମାନ୍ୟଗଣ୍ୟ ଅତିଥିମାନଙ୍କୁ ମଧ୍ୟ ନମସ୍କାର ଜଣାଉଛି ।"

ଏହା ପରେ ମହୋଦୟା କହିଲେ ଯେ, "ପ୍ରଥମେ ମୁଁ ଆପଣଙ୍କ ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଉଛି ଯେ, ମସଜିଦ୍ ସାଦିକ୍‌ର ଉଦ୍‌ଘାଟନ ଅବସରରେ ମୋତେ ଆପଣଙ୍କୁ ସମ୍ବୋଧିତ କରିବାର ସୁଯୋଗ ମିଳିଛି । ଅହମଦିୟା ମୁସଲିମ୍ ଜମାଅତ୍‌ର ସଦସ୍ୟମାନଙ୍କୁ ଏହି ମସ୍‌ଜିଦର ଉଦ୍‌ଘାଟନ ଦ୍ୱାରା ବର୍ତ୍ତମାନ ଏପରି ଏକ ସ୍ଥାନ ମିଳିଛି ଯେଉଁଠାରେ ସେମାନେ ଶାନ୍ତି ପାଇବେ ଏବଂ ଏକତ୍ରିତ ହୋଇ ନିଜର ଉପାସନା ଇତ୍ୟାଦି ପାଠ କରିପାରିବେ ।"

ପୁନଶ୍ଚ ତା'ପରେ ସେ କହିଲେ ଯେ, "ଧାର୍ମିକ ସ୍ୱାଧୀନତା ଜର୍ମାନୀ ସମ୍ବିଧାନର ଏକ ମୌଳିକ ଅଂଶବିଶେଷ ଅଟେ । କିନ୍ତୁ ଯଦି ଆମେ ବିଭିନ୍ନ ଦେଶ ଉପରେ ନଜର ପକାଇବା ତେବେ ଜାଣିପାରିବା ଯେ, ଏହି ଅଧିକାର ପ୍ରତ୍ୟେକ ସ୍ଥାନରେ ସମସ୍ତଙ୍କୁ ସମାନ ରୂପେ ମିଳିପାରୁ ନାହିଁ । ଲୋକଙ୍କୁ ସେମାନଙ୍କ ଧର୍ମ ଯୋଗୁଁ ଅତ୍ୟାଚାର ସହିବାକୁ ପଡୁଛି। ଦୁଃଖର ସହିତ ଏହା କହିବାକୁ ପଡୁଛି ଯେ, ଅହମଦି ମୁସଲମାନମାନଙ୍କ ଉପରେ ମଧ୍ୟ ଏହିପରି ଅକଥନୀୟ ଅତ୍ୟାଚାର ହେଉଛି । ପାକିସ୍ତାନ କିମ୍ବା ବୁର୍କିନାଫାସୋ ଭଳି ଅନେକ ଦେଶରେ ଆପଣଙ୍କ ପ୍ରିୟଜନମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି । ଧର୍ମ ଯୋଗୁଁ ଗିରଫ କରାଯାଉଛି, ଆପଣଙ୍କ ମସଜିଦ୍ ଓ କବରସ୍ଥାନ ଭଙ୍ଗାଯାଉଛି । ଆପଣଙ୍କ ପାଇଁ ଶାନ୍ତିରେ ରହିବା ସମ୍ଭବ ହେଉ ନାହିଁ । ନିଜ ଜୀବନ ପ୍ରତି ବିପଦ ରହୁଛି । ମୋ ମତରେ ଏପରି ଘଟଣାଗୁଡ଼ିକୁ ପ୍ରଚାର କରିବା ଆବଶ୍ୟକ ଅଟେ। କାରଣ ସଂସାର ଜାଣିପାରିବ । ପୁଣି ସମସ୍ତ ଗଣତନ୍ତ୍ରପ୍ରେମୀ ଲୋକମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଆପଣଙ୍କୁ ସହଯୋଗ କରନ୍ତୁ । ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ପ୍ରକୃତରେ ଶାନ୍ତି ହିଁ ଏକମାତ୍ର ମାଧ୍ୟମ ଅଟେ । ଶାନ୍ତି ସେତେବେଳେ ହିଁ ସ୍ଥାୟୀ ଭାବେ ସ୍ଥାପିତ ହୋଇପାରିବ ଯେତେବେଳେ ଆମେମାନେ ପ୍ରତ୍ୟେକଙ୍କ ପାଇଁ ଏପରି ପରିସ୍ଥିତି ସୃଷ୍ଟି କରିବା ଯେଉଁଥିରେ ସେମାନେ ସ୍ୱାଧୀନତାର ସହିତ ଅତ୍ୟାଚାରରୁ ମଧ୍ୟ ରକ୍ଷା ପାଇ ରହିପାରିବେ ।"

ମହୋଦୟା ଅତିରକ୍ତ କହିଲେ ଯେ, "ଧର୍ମ ଯୋଗୁଁ ଆମ ମଧ୍ୟରେ ଦୂରତା ସୃଷ୍ଟି ହେବା ଉଚିତ୍ ନୁହଁ । ଏହି ଅଞ୍ଚଳରେ ଆମେମାନେ ସମସ୍ତେ ମିଳିମିଶି ରହିବା ସଂପର୍କରେ ଉଲ୍ଲେଖ କରିବା ମୁଁ ଆବଶ୍ୟକ ଓ ଉଚିତ୍ ବୋଲି ମନେକରୁଛି । ଏହି କାର୍ଯ୍ୟରେ ଅହମଦିୟା ମୁସ୍‌ଲିମ୍ ଜମାଅତ୍‌ର ମଧ୍ୟ ଏକ ବଡ଼ ଭୂମିକା ମଧ୍ୟ ରହିଛି ।"

ଏହା ପରେ ସେ କହିଲେ ଯେ, "କିଛି ମାସ ପୂର୍ବେ ମୋତେ ନିଡା (Nidda) ସହରରେ ଅହମଦିୟା ମୁସଲିମ୍ ଜମାଅତ୍ ସହିତ ସେମାନଙ୍କର ଶତାବାର୍ଷିକ ସମାରୋହ (100 ବର୍ଷ ପୂର୍ତ୍ତି ଅବସରରେ) ପାଳନ କରିବାର ସୁଯୋଗ ମିଳିଥିଲା । କିନ୍ତୁ ଆମର ଅନେକ ନାଗରିକମାନେ ଜାଣନ୍ତି ନାହିଁ ଯେ, ଏତେ ଦୀର୍ଘ ସମୟରୁ ମୁସଲମାନମାନେ ଆମ ମଧ୍ୟରେ ରହୁଛନ୍ତି । ସେହି ସମୟରେ ମୋତେ ଏହି ସୁଯୋଗ ମିଳିଥିଲା ଯେ, ମୁଁ ନିଜେ ଏହାର ସାକ୍ଷୀ ହୋଇପାରିଲି । ଅର୍ଥାତ୍ ଆପଣମାନଙ୍କର ଆଦର୍ଶ ଉକ୍ତି 'ସମସ୍ତଙ୍କୁ ଭଲପାଅ, କାହାରିକୁ ଘୃଣା କରନାହିଁ' (ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ) । ଏହା କେବଳ ଶବ୍ଦ ନୁହେଁ ବରଂ ଆପଣମାନେ ଏହାକୁ କାର୍ଯ୍ୟରେ ପରିଣତ କରନ୍ତି । ଆପଣମାନେ କିଛି ଲୁଚାନ୍ତି ନାହିଁ ଏବଂ ଜର୍ମାନୀରେ ସକ୍ରିୟ ଅଛନ୍ତି ଓ ସମସ୍ତଙ୍କ ସହିତ ଉତ୍ତମ ସମ୍ପର୍କ ରଖୁଛନ୍ତି । ଆପଣମାନଙ୍କ ପାଇଁ ମୁଁ ଏହି ଆଶା କରେ ଯେ, ମସ୍‌ଜିଦ୍ ସାଦିକ୍‌ରେ ଆପଣମାନେ ଆନନ୍ଦର ସହିତ ପରସ୍ପରକୁ ସାକ୍ଷତ୍ କରନ୍ତୁ ଓ ଶାନ୍ତି ପ୍ରତିଷ୍ଠା କରି ଚାଲନ୍ତୁ । ଏତିକି କହି ମୁଁ ମୋର ବକ୍ତବ୍ୟକୁ ଶେଷ କରୁଛି । **ଧନ୍ୟବାଦ୍** ।"

ଏହା ପରେ ପ୍ରାଦେଶିକ ସାଂସଦ ଟୋବିଆସ୍ ଉଟର (Tobias Utter) ନିଜର ବକ୍ତବ୍ୟ ରଖିଲେ । ସେ ପ୍ରଥମେ ହୁଜୁର ଅନ୍‌ୱର ଅ.ବଙ୍କୁ ସଲାମ୍ (ନମସ୍କାର) ଜଣାଇ ସ୍ୱାଗତ କଲେ । ଏହା ପରେ ସମସ୍ତ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ସ୍ୱାଗତ ଜଣାଇଲେ । ତା'ପରେ ସେ କହିଲେ, "ମୋତେ ଦ୍ୱିତୀୟ ଥର ପାଇଁ ଏହି ବିଶେଷ ସୌଭାଗ୍ୟ ମିଳୁଛି ଯେ, ମୁଁ ଅହମଦିୟା ମୁସଲିମ୍ ଜମାଅତ୍‌ର ଗୋଟିଏ ମସଜିଦ୍ ଉଦ୍‌ଘାଟନ ଅବସରରେ କିଛି କହିପାରୁଛି । ଜଣେ ପ୍ରାଦେଶିକ ସାଂସଦ ଭାବରେ ମୁଁ ସମସ୍ତଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଉଛି ।"

ସେ ପୁନଶ୍ଚ କହିଲେ ଯେ, "କାର୍ବେନ୍‌ର ଅହମଦିୟା ମୁସ୍‌ଲିମ୍ ଜମାଅତ୍‌କୁ ଆଜି ମସ୍‌ଜିଦ୍ ଉଦ୍‌ଘାଟନ କରିବାର ସୁଯୋଗ ମିଳୁଅଛି । ଏହା ଉକ୍ତ କଥାର ପ୍ରମାଣ ଯେ, ଜର୍ମାନୀରେ ପ୍ରକୃତରେ ଧାର୍ମିକ ସ୍ୱାଧୀନତା ସମସ୍ତଙ୍କୁ ମିଳିଥାଏ । ଏହି ସୁବିଧା ସମସ୍ତଙ୍କୁ ଆଜିକାଲି ମଧ୍ୟ ସବୁଠାରେ ଏପରି ମିଳୁନାହିଁ । ନିଶ୍ଚିତ ଭାବେ ଆପଣଙ୍କୁ ଏହା ମଧ୍ୟ ଶିଖିବାକୁ ପଡ଼ିବ ଯେ, ଜର୍ମାନୀରେ ନିର୍ମାଣ ସମ୍ବନ୍ଧୀୟ ଆଇନ କେତେ କଠୋର ଅଟେ। କିନ୍ତୁ ଆପଣ ବର୍ତ୍ତମାନ ମସଜିଦ୍ ସମ୍ପୂର୍ଣ୍ଣ କରିସାରିଛନ୍ତି । ମସଜିଦ୍ ଏପରି ଏକ ସ୍ଥାନ ଅଟେ ଯେଉଁଠାରେ ଉପାସନା କରାଯାଇଥାଏ । କିନ୍ତୁ ତତ୍‌ସହିତ ଏହି ସ୍ଥାନରେ ଲୋକମାନେ ପରସ୍ପରକୁ ଭେଟ ହୁଅନ୍ତି । ଏହା ଏକ ଶାନ୍ତିର ସ୍ଥାନ ମଧ୍ୟ ଅଟେ । ମୋତେ ପ୍ରତ୍ୟେକ ଥର ଖୁସି ଲାଗେ ଯେ, ଅହମଦିୟା ଜମାଅତ୍ କେବଳ ନିଜ ଜମାଅତର ସଦସ୍ୟଙ୍କ କଥା ଚିନ୍ତା କରେ ନାହିଁ ବରଂ ଅହମଦି ମୁସଲମାନମାନେ ନିଜ ଧର୍ମରେ ସମଗ୍ର ମାନବସମାଜର କଲ୍ୟାଣ ଓ ସେବା କରିବା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତି । ହିଜ୍ ହୋଲିନେସ୍ (His Holiness, ହୁଜୁର୍ ଅନୱର ଅ.ବ) ସୋମବାର ଦିନ ଏହି କଥା ସ୍ପଷ୍ଟ କରିଥିଲେ ଯେ ପଡ଼ୋଶୀଙ୍କ ସେବା କରିବା ଧାର୍ମିକ ଦୃଷ୍ଟିକୋଣରୁ ମୋର କର୍ତ୍ତବ୍ୟ ଅଟେ । ମୋତେ ହେସେ (Hesse)ର ଅହମଦି ସୋସାଇଟିର ସକ୍ରିୟ ସଦସ୍ୟମାନଙ୍କୁ ଦେଖିବାକୁ ସୁଯୋଗ ମିଳିଥାଏ ।"

ମହୋଦୟ ପାକିସ୍ତାନରେ ଅହମଦି ଓ ଖ୍ରୀଷ୍ଟିଆନ୍‌ମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ସଂପର୍କରେ ଉଲ୍ଲେଖ କରି କହିଲେ,"କାରଣ ଏପରି ଅତ୍ୟାଚାରୀ ଲୋକମାନେ ନିଜର ଭୁଲ୍ କାମ କରିବା ପାଇଁ ବେଆଇନ ଭାବେ ଧର୍ମର ନାମକୁ ବ୍ୟବହାର କରନ୍ତି। ସେଇଥିପାଇଁ ଅନେକ ଲୋକମାନଙ୍କର ଧର୍ମ ସହ କୌଣସି ସମ୍ପର୍କ ରହୁ ନାହିଁ । କିନ୍ତୁ ବିଶେଷ କରି ଏପରି ଅନ୍ଧକାର ସମୟରେ ଈଶ୍ୱରଙ୍କ ଆଲୋକର ଆବଶ୍ୟକତା ବୃଦ୍ଧି ପାଏ ଏବଂ ଭଲପାଇବା ଓ ଶାନ୍ତିର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଥାଏ । ଆମକୁ ଏପରି ମଣିଷଙ୍କର ଆବଶ୍ୟକତା ଅଛି ଯାହାଙ୍କ ପାଖରେ ଏତେ ଶକ୍ତି ଥିବ ଯେ, ସେମାନେ ଲୋକଙ୍କର ଭୁଲ୍ ନାରା(ଶ୍ଲୋଗାନ୍)ରେ ଭୟଭୀତ ହେବେ ନାହିଁ । ହ. ଖଲିଫତୁଲ୍ ମସିହ୍ ନିଜର ବିଭିନ୍ନ ସାକ୍ଷାତ୍‌କାର ଓ ବକ୍ତବ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ବିଶେଷ ଧ୍ୟାନ ଆକର୍ଷଣ କରିଛନ୍ତି । ଏହା ଆପଣଙ୍କ ଲେଖନୀରୁ ସ୍ପଷ୍ଟ ହୋଇଥାଏ ।

ଶେଷରେ ମହୋଦୟ କହିଲେ ଯେ, ଆମ ପାଇଁ ଏହା ଏକ ବଡ଼ ଗୌରବର ବିଷୟ ଯେ, ଖଲିଫାତୁଲ ମସିହ୍ ପୁଣିଥରେ କାର୍ବେନ୍ ପରିଦର୍ଶନରେ ଆସିଛନ୍ତି । କେବଳ ସେତିକି ନୁହେଁ ବରଂ ଆପଣଙ୍କ ଆଗମନ ଦ୍ୱାରା ମସ୍‌ଜିଦ୍‌ର ଉଦ୍‌ଘାଟନକୁ ବିଶେଷ କରି ଦିଆଯାଇଛି । ଈଶ୍ୱରଙ୍କ ଏହି ଘର ସର୍ବଦା ଏକ ସହିଷ୍ଣୁ ଘର ହୋଇ ରହୁ ଯେଉଁଠାରେ ଲୋକମାନଙ୍କର ସାହାଯ୍ୟ କରାଯିବ ଏବଂ ସେମାନଙ୍କୁ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଅନୁପ୍ରାଣିତ କରାଯିବ ଓ ଈଶ୍ୱରଙ୍କ ପ୍ରେମ ଆମ ମଧ୍ୟରେ ପ୍ରକାଶ ପାଉ ।

ଏହା ପରେ କାର୍ବେନ୍ (Karben) ସହରର ମେୟର ଗୁଇଡୋ ରାହନ୍ (Guido Rahn) ସାହିବ ନିଜର ଅଭିଭାଷଣ ପ୍ରସ୍ତୁତ କରି କହିଲେ, ମୁଁ ହୁଜୁର ଅନ୍‌ୱର ଅ.ବଙ୍କୁ ସ୍ୱାଗତ କରୁଛି । ସେହିପରି ସମସ୍ତ ଉପସ୍ଥିତ ବ୍ୟକ୍ତିମାନଙ୍କୁ ନମସ୍କାର ଜଣାଉଛି । ଆମ ପାଇଁ ଏହା ଅତ୍ୟନ୍ତ ଗୌରବର ବିଷୟ ଯେ, ଜମାଅତେ ଅହମଦିୟାଙ୍କ ଆଧ୍ୟାତ୍ମିକ ଗୁରୁ 2014 ମସିହା ପରେ ବର୍ତ୍ତମାନ ଦ୍ୱିତୀୟ ଥର ପାଇଁ ଆମ ପାଖରେ କାର୍ବେନ୍ (Karben) ଠାରେ ପଦାର୍ପଣ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ କାର୍ବେନ୍ ସହର ପାଇଁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାପରେ ମେୟର ସାହେବ କହିଲେ ଯେ,

ଯେଉଁ ଜିନିଷ ପାଇଁ ମୋତେ ଜଣେ ମେୟର ଭାବରେ ବିଶେଷ ଭାବରେ ଖୁସି ମିଳୁଛି ତାହା ହେଉଛି ଯେ, ଯଦି ମୁଁ ଏହି ହଲ୍‌ରେ ନିଜର ଦୃଷ୍ଟି ପକାଏ ତେବେ ମୁଁ ଦେଖିବାକୁ ପାଏ ଯେ, ଏହି କାର୍ଯ୍ୟକ୍ରମ କେବଳ ଅହମଦିୟା ଜମାଅତ୍‌ର ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ । ଆପଣମାନେ ତ' ସଠିକ୍ ରୂପରେ କାର୍ବେନ୍ (Karben)ର ଏକ ଅଂଶ ହୋଇ ଯାଇଛନ୍ତି । କାରଣ ପ୍ରତ୍ୟେକ ବର୍ଗର ଲୋକମାନେ ଏଠାରେ ଏକତ୍ରିତ ହୋଇଛନ୍ତି । ଆପଣ ପ୍ରାୟ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛନ୍ତି, ପୋଲିସର ପ୍ରତିନିଧିମାନେ ଉପସ୍ଥିତ ଅଛନ୍ତି, ଫାୟାର ବ୍ରିଗେଡ୍ (ଅଗ୍ନିଶମ ବିଭାଗ)ର ପ୍ରତିନିଧିମାନେ ଉପସ୍ଥିତ ଅଛନ୍ତି, ସ୍ଥାନୀୟ ସ୍ପୋର୍ଟସ୍ କ୍ଲବର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଅଛନ୍ତି । ଆପଣମାନେ ସମସ୍ତେ ଶିଖିପାରିବେ ଯେ, କାର୍ବେନର ଅନେକ ନାଗରିକମାନେ ଆପଣଙ୍କ ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି ଏବଂ ଆଜି ଏଠାରେ ଏହା ସେହି କଥାର ଏକ ସ୍ପଷ୍ଟ ପ୍ରମାଣ ରହିଛି ଯେ, ଆପଣମାନେ କାର୍ବେନର ଏକ ଅଂଶ ହୋଇଯାଇଛନ୍ତି ଏବଂ ଏକୀଭୂତ (integrate) ହୋଇଯାଇଛନ୍ତି । ଅହମଦିୟା ମୁସଲିମ୍ ଜମାଅତକୁ କାର୍ବେନ୍‌ରେ 25 ବର୍ଷ ପୂରି ସାରିଛି । ଏହା କୌଣସି ସାମାନ୍ୟ ସମୟ ନୁହେଁ । ଏହା ଆପଣମାନଙ୍କର ମାତୃଭୂମି ପାଲଟିଯାଇଛି ।

ଏହାପରେ ମେୟର୍ ସାହେବ କହିଲେ ଯେ, ନିର୍ମାଣ କାର୍ଯ୍ୟରେ କେବଳ ଆପଣଙ୍କୁ ହିଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡି ନାହିଁ ବରଂ ଆମକୁ ମଧ୍ୟ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିଥାଏ । କିନ୍ତୁ ଗୋଟିଏ କଥା ଆମ ପାଇଁ ସମ୍ପୂର୍ଣ୍ଣ ସ୍ପଷ୍ଟ ଥିଲା ଏବଂ ତାହା ହେଲା ଯେ, ଯାହାର ମାତୃଭୂମି ବର୍ତ୍ତମାନ ଏଠାରେ ଅଛି ସେ ପୁଣି ଏଠାରେ ଏକ ଉପାସନାଗୃହ ମଧ୍ୟ ଚାହେଁ । ନିଶ୍ଚିତ ଭାବରେ କିଛି ସମୟ ଲାଗିଛି । କିନ୍ତୁ ବର୍ତ୍ତମାନ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । କାର୍ବେନ୍ ସହରରେ ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାଗତ କରିବୁ ଯିଏ ଆମର ସମ୍ବିଧାନ ଅନୁଯାୟୀ ଶାନ୍ତିରେ ରହିବାକୁ ଚାହୁଁଛନ୍ତି । ଆପଣମାନେ ତ' ବିଶେଷ ଭାବରେ ଏହିସବୁ ଜିନିଷର ଯତ୍ନ ନେଇଥାନ୍ତି ଏବଂ ସମାଜର ଏକ ଉପକାରୀ ଅସ୍ତିତ୍ୱ ମଧ୍ୟ ଅଟନ୍ତି । ଏହା ଅନ୍ୟମାନଙ୍କୁ ମଧ୍ୟ ଦେଖିବାକୁ ପଡ଼ିବ ଓ ଆପଣମାନଙ୍କ ଠାରୁ ଏହା ଶିଖିବାକୁ ପଡ଼ିବ ।

ଏହାପରେ ମେୟର୍ ସାହେବ କହିଲେ, ମୁଁ ଉକ୍ତ କଥାର ଉଲ୍ଲେଖ ମଧ୍ୟ କରିଦେବାକୁ ଚାହେଁ ଯେ, ଏହା ସମ୍ପୂର୍ଣ୍ଣ ଅସହନୀୟ ଅଟେ ଯେ, କୌଣସି ବ୍ୟକ୍ତି ଉପରେ କେବଳ ତା'ର ଧର୍ମ କିମ୍ବା ଅନ୍ୟ କୌଣସି ଜାତି ହେବା କାରଣରୁ ଅତ୍ୟାଚାର କରାଯାଉ କିମ୍ବା ହତ୍ୟା କରାଯାଉ । ଏହା ଅତ୍ୟନ୍ତ ଦୁଃଖଦ କଥା ଯେ, ଏହି ଯୁଗରେ ମଧ୍ୟ ଏପରି ଲୋକମାନେ ଆମ ପୃଥିବୀରେ ଅଛନ୍ତି । ସେଇଥିପାଇଁ ମୁଁ ଏହା ହିଁ କହୁଛି ଯେ, ସେ ଯେକୌଣସି ଧର୍ମର ବ୍ୟକ୍ତି ହୋଇଥାଉ ନା କାହିଁକି କାର୍ବେନ୍ (Karben) ସହର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାଗତ ଜଣାଉଛି ।

ଶେଷରେ ମେୟର ସାହେବ କହିଲେ, ମୋତେ ଅତ୍ୟନ୍ତ ଖୁସି ଲାଗିଛି ଯେ, ଅହମଦିୟା ମୁସ୍‌ଲିମ୍ ଜମାଅତ୍‌ର ମୁଖ୍ୟ ଆମ ପାଖରେ ଉପସ୍ଥିତ ଅଛନ୍ତି ଏବଂ ଆପଣମାନେ ସମସ୍ତେ ଆଜି ଏଠାକୁ ଆସିଛନ୍ତି । ଧନ୍ୟବାଦ । ଏହାପରେ ସନ୍ଧ୍ୟା 6ଟା ବାଜି 33 ମିନିଟ୍ ସମୟରେ ହୁଜୁର୍ ଅନ୍‌ୱର୍ ଅ.ବ ଉଦ୍‌ବୋଧନ ଦେଇଥିଲେ ।

ଜର୍ମାନୀର ମସ୍‌ଜିଦ୍ ସାଦିକ୍ କାର୍ବେନ୍, ଠାରେ ଉଦ୍‌ଘାଟନୀ ଉତ୍ସବ ଅବସରରେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଉଦ୍‌ବୋଧନ । ତଶହୁଦ୍, ତାଉଜ୍ ଏବଂ ତସ୍ମିଆ ପରେ ହୁଜୁର୍ ଅନୱର୍ ଅ.ବ କହିଲେ: ସମସ୍ତ ସମ୍ମାନିତ ଅତିଥିବୃନ୍ଦ ! **ଅସ୍ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱ ବରକାତୁହୁ** । ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ କୃତଜ୍ଞତା ଯେ, ଏତେ ଦୀର୍ଘ ସମୟ ପରେ ଅହମଦିୟା ମୁସ୍‌ଲିମ୍ ଜମାଅତକୁ ଏହି ସହରରେ ମସଜିଦ୍ ନିର୍ମାଣ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ସେଇଥିପାଇଁ ଏହି ସହରର ମେୟର, କାଉନସିଲର୍ ଏବଂ ସମସ୍ତ ନାଗରିକଙ୍କୁ ମୁଁ ଧନ୍ୟବାଦ ଜଣାଉଛି ଯେଉଁମାନେ ଏହି ମସ୍‌ଜିଦ୍ ନିର୍ମାଣକୁ ସମ୍ଭବ କରିବାରେ ଆମକୁ ସାହାଯ୍ୟ କଲେ । ଏହି ଧନ୍ୟବାଦ କେବଳ ଏକ ମୌଖିକ ଧନ୍ୟବାଦ ନୁହେଁ ବରଂ ଆମର ଏକ ଧାର୍ମିକ କର୍ତ୍ତବ୍ୟ ମଧ୍ୟ ଅଟେ । ଇସ୍‌ଲାମ୍ ଧର୍ମର ଏହି ନିର୍ଦ୍ଦେଶ ରହିଛି, ଇସ୍‌ଲାମ୍ ଧର୍ମର ପ୍ରତିଷ୍ଠାତା ହ. ମୁହମ୍ମଦ ମସ୍ତଫା ସ.ଅ କହିଛନ୍ତି ଯେ, ଯଦି ତମେମାନେ ଲୋକଙ୍କର କୃତଜ୍ଞତା ଜ୍ଞାପନ କରୁ ନାହଁ ତେବେ ତୁମେମାନେ ଈଶ୍ୱରଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁ ନାହଁ । ତେଣୁ ଏହା ଆମର ଏକ ପ୍ରକାରର ଧାର୍ମିକ କର୍ତ୍ତବ୍ୟ ମଧ୍ୟ ଅଟେ ଯେ, ଯେଉଁମାନେ ଏହି କାର୍ଯ୍ୟରେ ଆମକୁ ସାହାଯ୍ୟ ଓ ସହଯୋଗ କରିଛନ୍ତି ଆମେ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇବା ଉଚିତ୍ । ଆଜି ଈଶ୍ୱରଙ୍କର କୃପାରୁ ଅହମଦିୟା ମୁସ୍‌ଲିମ୍ ଜମାଅତ୍‌କୁ ଏହି ସହରରେ ଏକ ଛୋଟ ସୁନ୍ଦର ମସଜିଦ୍ ପ୍ରାପ୍ତ ହୋଇପାରିଛି । ହୁଜୁର୍ ଅନୱର୍ ଅ.ବ କହିଲେ: "ଜର୍ମାନୀ ଜମାଅତ୍‌ର ଅମୀର୍ ଅବଦୁଲ୍ଲାଃ ସାହେବ ଏହି ସହରର ଇତିହାସ ବର୍ଣ୍ଣନା କରି ଉଲ୍ଲେଖ କଲେ ଯେ, ଏହି ମସଜିଦ୍ ସହରର ମଧ୍ୟ ଭାଗରେ ଅବସ୍ଥିତ ଅଟେ । ଏହା ଏକ ବହୁତ ଭଲ କଥା ଯେ, ସହରରେ ଯେଉଁଠାରେ ସାଂସାରିକ ଏବଂ ଭୌତିକ ଜିନିଷଗୁଡ଼ିକ ପାଇଁ ବହୁତ ଅଧିକ ସୁବିଧା ଯୋଗାଇ ଦିଆଯାଇଥାଏ ସେଠାରେ ଈଶ୍ୱରଙ୍କୁ ସ୍ମରଣ କରୁଥିବା ଓ ଈଶ୍ୱରଙ୍କ ଚର୍ଚ୍ଚା କରୁଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏକ ସ୍ଥାନ ରହିବା ଉଚିତ୍ । ଫଳତଃ ସେମାନେ ସେଠାରେ ଏକତ୍ରିତ ହୋଇ ଏକେଶ୍ୱରଙ୍କର ଉପାସନା କରିପାରିବେ । ମସ୍‌ଜିଦ୍ ମଧ୍ୟ ରହିବା ଉଚିତ, ଚର୍ଚ୍ଚ ମଧ୍ୟ ରହିବା ଉଚିତ ଏବଂ ଅନ୍ୟାନ୍ୟ ଧର୍ମର ଉପାସନାଳୟଗୁଡ଼ିକ (ଉପାସନା ବା ଧର୍ମପୀଠ) ମଧ୍ୟ ରହିବା ଉଚିତ୍। ଯେତେବେଳେ ଏସବୁ ଏକାଠି ହେବେ ସେତେବେଳେ ଜଣାପଡ଼ିବ ଯେ, ଧର୍ମ ପରସ୍ପର ସହିତ ମିଳିମିଶି ବସିବା ଏବଂ ସହଯୋଗ କରି ରହିବାର ଶିକ୍ଷା ଦେଇଥାଏ । କୌଣସି ଧର୍ମ ଏପରି ନୁହେଁ, କୌଣସି ଧର୍ମର ପ୍ରତିଷ୍ଠାତା ଏପରି ନୁହଁନ୍ତି ଯେ, ସେମାନେ ଚରମପନ୍ଥୀ (extremism) କିମ୍ବା ଉତ୍ପାତ (ଦୌରାତ୍ମ୍ୟ) ସୃଷ୍ଟି କରିବାର ଶିକ୍ଷା ଦେଇଛନ୍ତି । ସମସ୍ତ ଅବତାରମାନେ ଆମର ବିଶ୍ୱାସ ଅନୁଯାୟୀ ଈଶ୍ୱରଙ୍କ ପକ୍ଷରୁ ଆସିଥିଲେ, ତେଣୁ ଈଶ୍ୱର ସେମାନଙ୍କୁ ଏହି ଶିକ୍ଷା ଦେଇ ପଠାଇଥିଲେ ଯେ, ତୁମେମାନେ ଈଶ୍ୱରଙ୍କର ଉପସାନା କରିବା ଦିଗରେ ଧ୍ୟାନ ଦିଅ । ପରସ୍ପରର ଅଧିକାରଗୁଡ଼ିକୁ ପୂରଣ କରିବା ଦିଗରେ ଲୋକଙ୍କୁ ଧ୍ୟାନ ଦିଅ । ଶାନ୍ତି, ପ୍ରେମ ଏବଂ ଭାଇଚାରାକୁ ପ୍ରୋତ୍ସାହିତ କରିବା ଦିଗରେ ଲୋକଙ୍କୁ ଧ୍ୟାନ ଦିଅ । ତେଣୁ ଏହି ଦୃଷ୍ଟିରୁ ଏହା ଏକ ଭଲ କଥା ଯେ, ଏଠାରେ ଆମକୁ ଏପରି ଏକ ସ୍ଥାନରେ ମସଜିଦ୍ ମିଳିଯାଇଛି ଯେଉଁଠାରେ ଆମେ କେନ୍ଦ୍ରରେ ରହି ଆମ ଚାରିପାଖରେ ଥିବା ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ କହିପାରିବୁ । ମୁସଲମାନମାନେ ଇସ୍‌ଲାମ୍ ଧର୍ମ ସମ୍ପର୍କରେ ଯେଉଁ ଭୁଲ୍ ଧାରଣା ସୃଷ୍ଟି କରିଦେଇଛନ୍ତି ଏବଂ ଦୁର୍ଭାଗ୍ୟବଶତଃ ସଂଖ୍ୟାଗରିଷ୍ଠ ଲୋକମାନେ ଏହି ଭୁଲ୍ ଧାରଣା ଉପରେ ଚାଲୁଛନ୍ତି, ଆମେ ତାହାକୁ ଖଣ୍ଡନ କରୁଥିବା ବ୍ୟକ୍ତି ରୂପେ ପରିଗଣିତ ହେବୁ । ପବିତ୍ର କୁରୁଆନ୍ ତଥା ହଜରତ୍ ମୁହମ୍ମଦ୍ ସ.ଅଙ୍କ ସୁନ୍ନତ୍ (ଆଚରଣ) ଏବଂ କାର୍ଯ୍ୟ ଦ୍ୱାରା ଏହା ଜଣାଇ ଦେବୁ ଯେ, ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷା ତ' ଶାନ୍ତି, ପ୍ରେମ, ଆନ୍ତରୀକତା ଏବଂ ସୌହାର୍ଦ୍ଦ୍ୟର ଶିକ୍ଷା ଅଟେ । ମସଜିଦ୍ ବିରୁଦ୍ଧରେ ଆରମ୍ଭରେ କିଛି ଲୋକ ବିରୋଧ ମଧ୍ୟ କରିଥିଲେ ।

ଯେପରିକି ଆମର ଅମୀର୍ ସାହେବ କହିଲେ ଏବଂ ଏହି ବିରୋଧ ସମ୍ଭବତଃ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଯଥାର୍ଥ ମଧ୍ୟ ଥିଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ



ସାପ୍ତାହିକ ବଦରର ସହାୟତା ପାଇଁ ପାଠକବୃନ୍ଦ ଦୟାକରି ଧ୍ୟାନ ଦିଅନ୍ତୁ ।

ସାପ୍ତାହିକ ବଦର୍‌କୁ ଏହି ଗୌରବ ପ୍ରାପ୍ତ ହୋଇଛି ଯେ, ଏହି ସମ୍ବାଦପତ୍ର ସମ୍ପୂର୍ଣ୍ଣ ରୂପେ ହ. ମୁହମ୍ମଦ ସ.ଅଙ୍କ ପ୍ରକୃତ ସେବକ ଯୁଗାବତାର ପୁଣ୍ୟଶ୍ଲୋକ ହ୍. ମସିହ ମଉଦ୍ ଅ.ସଙ୍କ ପବିତ୍ର ଛାତ୍ର ଛାୟା ତଳେ ଗଢ଼ି ଉଠିଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରଥମେ ନବୁୱତ୍ (ଅବତାରତ୍ୱ) ଏବଂ ପରେ ଖିଲାଫତ୍ ଅଲା ମିନ୍‌ହାଜେ ନବୁୱତ୍ (ଅବତାରତ୍ୱ ପଛାନୁଯାୟୀ ସ୍ଥାପିତ ଖିଲାଫତ୍)ଙ୍କ ନେତୃତ୍ୱରେ ଏହି ସମ୍ବାଦପତ୍ର ପ୍ରଚାରିକ, ସାଂସ୍କାରିକ ଓ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ନିଷ୍ଠାର ସହକାରେ ସମ୍ପାଦନ କରି ଆସୁଛି। ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଅନେକ ପବିତ୍ରାତ୍ମାମାନେ ଅହମଦିୟା ସମ୍ପ୍ରଦାୟରେ ସାମିଲ୍ ହୋଇଛନ୍ତି । ଉକ୍ତ ସମ୍ବାଦପତ୍ର ଜରିଆରେ ଖିଲାଫତେ ଅହମଦିୟାଙ୍କ ନିର୍ଦ୍ଦେଶକ୍ରମେ ଅହମଦି ପରିବାରଗୁଡ଼ିକର ଆଧ୍ୟାତ୍ମିକ ସଂସ୍କାର ହେଉଅଛି ଏବଂ ଆଗକୁ ମଧ୍ୟ **ଇନ୍‌ଶାଅଲ୍ଲାଃ** (ଈଶ୍ୱର ଚାହିଁଲେ) ସଂସ୍କାର ହେଉଥିବ ।

ସମ୍ବାଦପତ୍ରର ପ୍ରସ୍ତୁତି, ପ୍ରକାଶନ, ପ୍ୟାକିଂ ଏବଂ ପଠାଇବାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ । କେବଳ ସାଧାରଣ ଗ୍ରାହକ ଶୁଳ୍କରୁ ଏହି ସବୁ ଖର୍ଚ୍ଚ ଭରଣା ଓ ପୂରଣ କରିବା ସମ୍ଭବପର ନୁହେଁ । ତେଣୁ ଏଥିପାଇଁ ବିଶେଷ ସାହଯ୍ୟ ଓ ସହଯୋଗୀମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଅତଏବ୍ ଯେଉଁମାନେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କର ଏହି ସମ୍ବାଦପତ୍ରର ଖର୍ଚ୍ଚ ବହନ କରିବାକୁ ଆଗେଇ ଆସିବେ । ଏହି ସମ୍ବାଦପତ୍ରକୁ ସହାୟତା କରୁଥିବା ଲୋକମାନଙ୍କୁ ଈଶ୍ୱର କେବେ ହେଲେ ନିରାଶ କରିବେ ନାହିଁ । କାରଣ ଈଶ୍ୱରଙ୍କ ପ୍ରତିଶ୍ରୁତି ରହିଛି ଯେ, "انی معین من اراد اعانتک" (ଅର୍ଥାତ୍: "ଯିଏ ତୁମକୁ ସାହାଯ୍ୟ କରିବାକୁ ଚାହିଁବ, ମୁଁ ତାକୁ ସାହାଯ୍ୟ କରିବି")। ସାହଯ୍ୟକାରୀଙ୍କର ସମସ୍ତ ବିଷୟର ରକ୍ଷାକର୍ତ୍ତା ଈଶ୍ୱର ନିଜେ ହେବେ ଏବଂ ନିଜ ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କର ବାଣିଜ୍ୟ ବ୍ୟବସାୟ, ଚାକିରି, ବଗିଚା, ଫସଲ ଏବଂ ସମ୍ପତ୍ତିରେ ବହୁ ଗୁଣା ବୃଦ୍ଧି କରିବେ ଓ ଅଜସ୍ର କଲ୍ୟାଣ ପ୍ରଦାନ କରିବେ । **ଇନ୍‌ଶାଆଲ୍ଲାଃ** । ଯେକୌଣସି ପ୍ରକାରର ମାର୍ଗଦର୍ଶନ ପାଇଁ ସାପ୍ତାହିକ ବଦରର ମ୍ୟାନେଜର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ । ଯୋଗାଯୋଗ ସଂଖ୍ୟା-: **9815639670**

ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan, Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

The Weekly BADAR Qadian

Qadian - 143516 Distt. Gurdaspur (Pb.)

Postal Reg. No. GDP- 40/2026-2028 Vol. 11 Thursday- 05 Nov 2026 Issue No. 45

ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ ﷺର ଅବିଶିଷ୍ଟାଂଶ

ରାଗିବା ସମୟରେ ଚେହେରା ଲାଲ୍ ହୋଇଯାଉଥିଲା ଏବଂ ଖୁସିର ଅବସରରେ ମଧ୍ୟ ଆଲୋକିତ ହୋଇ ଉଠୁଥିଲା । ଇଂଲଣ୍ଡର ପ୍ରସିଦ୍ଧ ଇତିହାସବିତ୍ ସାର୍ ୱିଲିୟମ୍ ମିଓର୍ ଆପଣ ସ.ଅଙ୍କ ପବିତ୍ର ରୂପ ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି ଯେ: "ଆପଣ ସ.ଅଙ୍କର ନେତୃତ୍ୱସୂଚକ ରୂପରେଖ ଏବଂ ଢଙ୍ଗ ଓ ଢ଼ାଞ୍ଚା ଜଣେ ଅଜ୍ଞାତ ବ୍ୟକ୍ତିର ମନରେ କିଛି ପରିମାଣରେ ଏପରି ଏକ ଭୟ ସୃଷ୍ଟି କରିଦେଉଥିଲା ଯାହାକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ । କିନ୍ତୁ ଯେତେବେଳେ ତାକୁ ଆପଣ ସ.ଅଙ୍କୁ ପାଖରୁ ଦେଖିବାର ସୁଯୋଗ ମିଳୁଥିଲା ଏବଂ ସେ ଆପଣ ସ.ଅଙ୍କ ସହିତ ପରିଚିତ ହୋଇଯାଉଥିଲା, ସେତେବେଳେ ତା' ମନରେ ଭୟ ବଦଳରେ ଶ୍ରଦ୍ଧା ଏବଂ ପ୍ରେମର ଭାବାବେଗ ଜାଗ୍ରତ ହେବାକୁ ଲାଗୁଥିଲା ।" **(ଅବୁ ଦାଉଦ୍, ଗ୍ରନ୍ଥଖଣ୍ଡ-2, ପୃ-234)**

ବାଣିଜ୍ୟିକ ବୃତ୍ତି (ବ୍ୟବସାୟିକ କାର୍ଯ୍ୟକଳାପ): ଯେପରିକି ଉପରେ ବର୍ଣ୍ଣନା କରାଯାଇଛି ଯେ, ଆଁହଜରତ୍ ସ.ଅ ବର୍ତ୍ତମାନ ଯୁବକ ଥିଲେ । ଜୀବନର ବ୍ୟବସାୟରେ ବ୍ୟସ୍ତ ରହିବାର ସମୟ ଆସିଯାଇଥିଲା ଏବଂ ଯେହେତୁ ଅବୁ ତାଲିବଙ୍କ ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥିଲା ସେଥିପାଇଁ ମଧ୍ୟ ଉକ୍ତ କଥାର ଆବଶ୍ୟକତା ଥିଲା ଯେ, ହଜରତ୍ ମୁହମ୍ମଦ ସ.ଅ କୌଣସି ଉପଯୁକ୍ତ କାମ ଆରମ୍ଭ କରି ତାଙ୍କର ବୋଝକୁ ହାଲୁକା କରନ୍ତୁ। ସେଇଥିପାଇଁ ଅବୁ ତାଲିବଙ୍କ ଇଚ୍ଛା ଏବଂ ଆହ୍ୱାନକ୍ରମେ ଆପଣ ସ.ଅ ବ୍ୟବସାୟ କାମ ଆରମ୍ଭ କରିଦେଲେ ।

ମକ୍କାରୁ ବାଣିଜ୍ୟିକ ଯାତ୍ରୀସମୂହଗୁଡ଼ିକ ବିଭିନ୍ନ ଅଞ୍ଚଳକୁ ଯାଉଥିଲେ । ଦକ୍ଷିଣ ଦିଗରେ ୟମନ୍ ଏବଂ ଉତ୍ତରରେ ସିରିୟା ଆଡ଼କୁ ନିୟମିତ ବାଣିଜ୍ୟିକ ପରମ୍ପରା ଜାରି ରହିଥିଲା। ଏହା ବ୍ୟତୀତ ବାହାରେନ୍ ଇତ୍ୟାଦି ଦେଶ ସହିତ ମଧ୍ୟ ବାଣିଜ୍ୟ ବ୍ୟବସାୟ ଥିଲା । ହଜରତ୍ ମୁହମ୍ମଦ ସ.ଅ ସାଧାରଣତଃ ଏହି ସମସ୍ତ ଦେଶକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଇଥିଲେ ।

(ନୁରୁନ୍ ନିବ୍ରାସ, ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ପ୍ରାମାଣ୍ୟ-ସିରତୁନ୍ ନବୀ ସ.ଅ)

ଆପଣ ସ.ଅ ପ୍ରତ୍ୟେକ ଥର ଅତ୍ୟନ୍ତ ବିଶ୍ୱସ୍ତ, ବିଶ୍ୱସ୍ତତା, ସୁନ୍ଦର ଢଙ୍ଗରେ ଏବଂ କୁଶଳତାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ । ମକ୍କାରେ ମଧ୍ୟ ଯେଉଁ ଲୋକମାନଙ୍କ ସହିତ ଆପଣ ସ.ଅଙ୍କର କାରବାର ହୋଇଥିଲା ସେମାନେ ସମସ୍ତେ ଆପଣ ସ.ଅଙ୍କ ପ୍ରଶଂସାରେ ପଞ୍ଚମୁଖ (ଶତମୁଖ) ଥିଲେ । ତେଣୁ ସାଏବ୍ ନମାକ ଜଣେ ସାଥୀ (ସାହାବୀ) ଥିଲେ । ସେ ଯେତେବେଳେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ କିଛି ଲୋକ ହ. ମୁହମ୍ମଦ୍ ସ.ଅଙ୍କ ସମ୍ମୁଖରେ ତାଙ୍କର ପ୍ରଶଂସା କଲେ । ଆପଣ ସ.ଅ କହିଲେ, 'ମୁଁ ତାଙ୍କୁ ତୁମ ଅପେକ୍ଷା ଭଲ ଭାବେ ଜାଣିଛି ।' ସାଏବ୍ କହିଲେ, 'ହଁ, ହେ ରସୁଲୁଲ୍ଲାହ ସ.ଅ ! ଆପଣ ସ.ଅଙ୍କ ଉପରେ ମୋର ମାତାପିତା ଉତ୍ସର୍ଗ ହୋଇଯାଆନ୍ତୁ। ଆପଣ ସ.ଅ ଥରେ ବ୍ୟବସାୟରେ ମୋର ଭାଗୀଦାର (ଅଂଶୀଦାର) ଥିଲେ ଏବଂ ଆପଣ ସର୍ବଦା ଅତ୍ୟନ୍ତ ସ୍ୱଚ୍ଛ କାରବାର ରଖିଥିଲେ ।'

(ଅବୁ ଦାଉଦ୍, ଗ୍ରନ୍ଥଖଣ୍ଡ-2, ପୃ-317)

ଅବ୍‌ଦୁଲ୍ଲାଃ ବିନ୍ ଅବି ଅଲ୍ ହମ୍‌ସା ନାମକ ଆଉ ଜଣେ ସାହାବି ବର୍ଣ୍ଣନା କରନ୍ତି ଯେ, ନବୁୱତ୍ (ଅବତାରତ୍ୱ) ପ୍ରାପ୍ତି ପୂର୍ବରୁ ମୁଁ ଥରେ ହ. ମୁହମ୍ମଦ ସ.ଅଙ୍କ ସହିତ କୌଣସି ବ୍ୟବସାୟିକ କାରବାର କରିଥିଲି ଏବଂ ମୋ ଜିମାରେ ଆପଣ ସ.ଅଙ୍କର କିଛି ହିସାବ ବାକି ରହିଗଲା । ପ୍ରତ୍ୟୁତ୍ତରରେ ମୁଁ ଆପଣ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏହିଠାରେ ଓ ଏହି ସ୍ଥାନରେ ଠିଆ ହୁଅନ୍ତୁ, ମୁଁ ବର୍ତ୍ତମାନ ଆସୁଛି । କିନ୍ତୁ ମୁଁ ଭୁଲିଗଲି ଏବଂ ତିନି ଦିନ ପରେ ମୋତେ ମନେ ପଡ଼ିଲା ଯେ, ଆରେ ମୁଁ ତ' ରସୁଲୁଲ୍ଲାଃ ସ.ଅଙ୍କୁ ଅମକ ସ୍ଥାନରେ ଛିଡ଼ା କରାଇ ଆସିଥିଲି ! ଅତଏବ୍ ମୁଁ ଯେତେବେଳେ ସେହି ଆଡ଼କୁ ଗଲି ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, ହ. ମୁହମ୍ମଦ୍ ସ.ଅ ସେହିଠାରେ ହିଁ ଛିଡ଼ା ହୋଇଛନ୍ତି ।

କିନ୍ତୁ ଆପଣ ସ.ଅ ମୋତେ ଏହା ଛଡ଼ା ଆଉ କିଛି କହିଲେ ନାହିଁ ଯେ, 'ହେ ଅବଦୁଲ୍ଲାଃ ତୁମେ ମୋତେ କଷ୍ଟରେ ପକାଇଛ । ମୁଁ ଏଠାରେ ତିନି ଦିନ ହେଲା ତୁମର ଅପେକ୍ଷାରେ ଛିଡ଼ା ହୋଇଛି ।' ଏହାର ଅର୍ଥ ସମ୍ଭବତଃ ଏହା ନୁହେଁ ଯେ, ଆପଣ ସ.ଅ କ୍ରମାଗତ ତିନି ଦିନ ପର୍ଯ୍ୟନ୍ତ ସେହି ସ୍ଥାନରେ ହିଁ ଠିଆ ହୋଇ ରହିଥିଲେ । ବରଂ ଉଦ୍ଦେଶ୍ୟ ଏହା ଜଣାପଡ଼େ ଯେ, ଆପଣ ସ.ଅ ଉପଯୁକ୍ତ ସମୟଗୁଡ଼ିକରେ ଅନେକ ଥର ସେହି ସ୍ଥାନକୁ ଯାଇ ଅନେକ ସମୟ ପର୍ଯ୍ୟନ୍ତ ଅବ ଦୁଲ୍ଲାଃଙ୍କର ଅପେକ୍ଷା କରୁଥିବେ। କାରଣ ଅବଦୁଲ୍ଲାଃକୁ ଆପଣ ସ.ଅଙ୍କ ଖୋଜିବା କାରଣରୁ କୌଣସି ପ୍ରକାରର କଷ୍ଟ ନ ହେଉ । **(ଇବ୍‌ନେ ସାଆଦ୍, ରୌ ଜୁନ୍ ଉନୁଫି, ଗ୍ରନ୍ଥଖଣ୍ଡ-1, ପୃ-122)** ଏହିପରି ଘଟଣାଗୁଡ଼ିକରୁ ମକ୍କାବାସୀଙ୍କ ମଧ୍ୟରେ ଆପଣ ସ.ଅଙ୍କ ନାମ 'ଅମୀନ୍' (ବିଶ୍ୱସ୍ତ) ବୋଲି ପ୍ରସିଦ୍ଧ ହୋଇଯାଇଥିଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

ସିରତୁଲ୍ଲୁ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ଏବଂ ଯେଉଁମାନେ ମଦିନାର ମୁନାଫିକ୍ (କପଟବିଶ୍ୱାସୀ)ମାନଙ୍କ ପରି ଆପଣ ଅ.ସଙ୍କ ଉପରେ ଲଙ୍ଗରଖାନାର ଖର୍ଚ୍ଚ ସମ୍ବନ୍ଧରେ ସନ୍ଦେହ ପ୍ରକାଶ କରୁଥିଲେ । ଏସଂପର୍କରେ ପବିତ୍ର କୁରଆନରେ ଅଲ୍ଲାଃତାଲା କୁହନ୍ତି "ومنهم من يلمزك فى الصدقات"

{58} بسم الله الرحمن الرحيم ମାତାଶ୍ରୀ ମୋତେ କହିଲେ ଯେ, ତୁମର ବଡ଼ ବାପାଙ୍କ (ତାୟା) ଘରେ ଜଣେ ଝିଅ ଏବଂ ଜଣେ ପୁଅ ଜନ୍ମ ହୋଇଥିଲେ । କିନ୍ତୁ ଉଭୟ ସନ୍ତାନ ଶୈଶବାବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲେ । ଝିଅର ନାମ 'ଇସ୍ମତ୍' ଏବଂ ପୁଅର ନାମ 'ଅବଦୁଲ୍ କାଦିର୍' ଥିଲା । ହ. ସାହେବଙ୍କୁ ତାଙ୍କ ଭାଇଙ୍କ ସନ୍ତାନମାନଙ୍କ ପ୍ରତି ବହୁତ ସ୍ନେହ ଥିଲା । ତେଣୁ ଆପଣ ଅ.ସ ନିଜ ବଡ଼ ଝିଅର ନାମ ସେହି କାରଣରୁ 'ଇସ୍ମତ୍' ରଖିଥିଲେ ।

{59} بسم الله الرحمن الرحيم ବିନୀତ କହୁଛି ଯେ, ବଡ଼ ପତ୍ନୀଙ୍କ ଗର୍ଭରୁ ହଜରତ୍ ମସିହ୍ ମଉଦ୍ ଅ.ସଙ୍କର ଦୁଇଟି ପୁତ୍ର ସନ୍ତାନ ଜନ୍ମ ହୋଇଥିଲେ । ଅର୍ଥାତ୍ ମିର୍ଜା ସୁଲତାନ୍ ଅହମଦ ଏବଂ ମିର୍ଜା ଫଜଲ୍ ଅହମଦ ସାହେବ । ହ. ସାହେବ ଯେତେବେଳେ ଜଣେ କିଶୋର ପ୍ରାୟ ଥିଲେ ସେତେବେଳେ ଗର୍ଭରୁ ହ. ମସିହ୍ ମଉଦ୍ ଅ.ସଙ୍କର ନିମ୍ନଲିଖିତ ସନ୍ତାନମାନେ ଜନ୍ମ ହୋଇଥିଲେ । ଇସ୍ମତ୍ ସାହେବା ଯିଏ 1886 ମସିହାରେ ଜନ୍ମ ହୋଇଥିଲେ ଏବଂ 1891 ମସିହାରେ ମୃତ୍ୟୁବରଣ କରିଥିଲେ । ବଶୀର୍ ଅହମଦ ପ୍ରଥମ ଯିଏ 1887 ମସିହାରେ ଜନ୍ମ ହୋଇଥିଲେ ଏବଂ 1888 ମସିହାରେ ମୃତ୍ୟୁବରଣ କରିଥିଲେ । ହଜରତ ଖଲିଫା ସାନୀ ମିର୍ଜା ବଶୀରୁଦ୍ଦୀନ ମହମୁଦ ଅହମଦ ସାହେବ ଯିଏ 1889 ମସିହାରେ ଜନ୍ମଗ୍ରହଣ କରିଥିଲେ । ଶୌକତ୍ ଯିଏ 1891 ମସିହାରେ ଜନ୍ମ ହୋଇଥିଲେ ଏବଂ 1892 ମସିହାରେ ମୃତ୍ୟୁବରଣ କରିଥିଲେ । ବିନୀତ ମିର୍ଜା ବଶୀର ଅହମଦ ଯିଏ 1893 ମସିହାରେ ଜନ୍ମ ହୋଇଥିଲା । ମିର୍ଜା ଶରୀଫ୍ ଅହମଦ ଯିଏ 1895 ମସିହାରେ ଜନ୍ମ ହୋଇଥିଲେ । ମୁବାରକା ବେଗମ୍ ଯିଏ 1897 ମସିହାରେ ଜନ୍ମ ହୋଇଥିଲେ । ମୁବାରକ୍ ଅହମଦ ଯିଏ 1899 ମସିହାରେ ଜନ୍ମ ହୋଇଥିଲେ ଏବଂ 1907 ମସିହାରେ ମୃତ୍ୟୁବରଣ କରିଥିଲେ । ଅମତୁନ୍ ନସୀର୍ ଯିଏ 1903 ମସିହାରେ ଜନ୍ମ ହୋଇଥିଲେ ଏବଂ 1903 ମସିହାରେ ହିଁ ମୃତ୍ୟୁବରଣ କରିଥିଲେ । ଅମତୁଲ୍ ହଫିଜ୍ ବେଗମ୍ ଯିଏ 1904 ମସିହାରେ ଜନ୍ମ ହୋଇଥିଲେ । ଅମତୁଲ୍ ହଫିଜ୍ ବେଗମ୍ ବ୍ୟତୀତ ଯିଏ ହ. ସାହେବ (ହ. ମସିହ୍ ମଉଦ୍ ଅ.ସ)ଙ୍କ ବିୟୋଗ ସମୟରେ କେବଳ ତିନି ବର୍ଷର ଥିଲେ, ଅନ୍ୟ ସମସ୍ତ ପିଲାମାନଙ୍କର ବିବାହ ହ. ସାହେବ ନିଜ ଜୀବନ କାଳ ମଧ୍ୟରେ ହିଁ କରି ସାରିଥିଲେ ।"

{60} بسم الله الرحمن الرحيم ମୋତେ ମାତାଶ୍ରୀ ବର୍ଣ୍ଣନା କଲେ ଯେ, ଯେତେବେଳେ ତୁମେ ଛୋଟ ପିଲା ଥିଲେ ଏବଂ ସମ୍ଭବତଃ ଦ୍ୱିତୀୟ ଶ୍ରେଣୀରେ ପଢୁଥିବ ସେତେବେଳେ ଥରେ ହ. ମସିହ ମଉଦ୍ ଅ.ସ ଶୌଚକର୍ମ ସାରି ଆସିଲେ ସେତେବେଳେ ତୁମେ ଏକ ଖଟିଆ ଉପରେ ଓଲଟା ସିଧା ଡିଆଁ ମାରୁଥିଲେ ଏବଂ ଖେଳ ଦେଖାଉଥିଲ । ଆପଣ (ମସିହ୍ ମଉଦ୍) ଅ.ସ ତାହା ଦେଖି ସ୍ମିତହାସ୍ୟ ପ୍ରକାଶ କଲେ ଏବଂ କହିଲେ, ହେଇ ଦେଖ ଦେଖ ଏହା କ'ଣ କରୁଛି ! ପୁନଶ୍ଚ ଆପଣ ଅ.ସ କହିଲେ, ଏହାକୁ ଏମ୍.ଏ. (M.A ଅର୍ଥାତ୍ ସ୍ନାତକୋତ୍ତୋର) କରାଇବି । ବିନୀତ (ଲେଖକ) କହୁଛି ଯେ, ଏହି ବାକ୍ୟଟି ଦୈନନ୍ଦିନ ଭାଷାରେ ଅଜାଣତରେ ବାହାରି ଯାଇଥିବା ବୋଲି ଜଣାପଡ଼େ । କିନ୍ତୁ ବିଚାର କଲେ ଜଣାଯାଏ ଯେ, ଏଥିରେ ଦୁଇ ତିନୋଟି ଭବିଷ୍ୟତବାଣୀ ନିହିତ ରହିଛି ।

{61} بسم الله الرحمن الرحيم ମୋତେ ମାତାଶ୍ରୀ କହିଲେ ଯେ, ହଜରତ୍ ମସିହ୍ ମଉଦ ଅ.ସଙ୍କର ଏହି ଅଭ୍ୟାସ ଥିଲା ଯେ, ଆପଣ ଅ.ସ ସର୍ବଦା ରାତିରେ ଶୋଇବା ସମୟରେ ପାଜାମା ଓହ୍ଲାଇ ତହବନ୍ଦ (ଲୁଗା) ବାନ୍ଧି ନେଉଥିଲେ ଏବଂ ସାଧାରଣତଃ କୁର୍ତ୍ତା (କମିଜ୍) ମଧ୍ୟ ଓହ୍ଲାଇ ଶୋଉଥିଲେ । ସେହିପରି ବିନୀତ କହୁଛି ଯେ, ହ. ମସିହ ମଉଦ୍ ଅ.ସ ଯେତେବେଳେ ଶୌଚକର୍ମ ପରେ ପବିତ୍ରତା (ୱଜୁ) ସାରୁଥିଲେ ସେତେବେଳେ ନିଜ ହାତକୁ ମାଟିରେ ଘଷି ପାଣିରେ ଧୋଉଥିଲେ । {62} بسم الله الرحمن الرحيم ବିନୀତ କହୁଛି ଯେସ ହ. ମସିହ୍ ମଉଦ ଅ.ସ ବେଳେବେଳେ ଘରେ ପିଲାମାନଙ୍କୁ କିଛି କାହାଣୀ ମଧ୍ୟ ଶୁଣାଉଥିଲେ । ସେହିପରି ଜଣେ ଭଲ ଓ ମନ୍ଦର କାହାଣୀ ମଧ୍ୟ ଆପଣ ଅ.ସ ସାଧାରଣତଃ ଶୁଣାଉଥିଲେ । ଯାହାର ସାରାଂଶ ଏହା ଥିଲା ଯେ, ଜଣେ ମନ୍ଦ ବ୍ୟକ୍ତି ଥିଲା ଏବଂ ଜଣେ ଭଲ ବ୍ୟକ୍ତି ଥିଲା ଏବଂ ଉଭୟେ ନିଜ ନିଜର ଢଙ୍ଗରେ କାମ କଲେ ଏବଂ ପରିଶେଷରେ ମନ୍ଦ ବ୍ୟକ୍ତିର ପରିଣାମ ମନ୍ଦ ହେଲା ଏବଂ ଭଲ ବ୍ୟକ୍ତିର ଭଲ ହେଲା । ମାତାଶ୍ରୀ କହିଲେ ଯେ ଏକ ବାଇଗଣର କାହାଣୀ ମଧ୍ୟ ଆପଣ ଶୁଣାଉଥିଲେ, ଯାହାର ସାରାଂଶ ଏହା ଥିଲା ଯେ ଜଣେ ମାଲିକ ଥିଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan